Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ


ଖଣ୍ଡ 2

ସଂଖ୍ୟା 34

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ ବଦର

The Weekly କାଦିଆନ

BADAR Qadian

ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 24 ଅଗଷ୍ଟ 2017 24 ଜହୁର୍ 1396 ହି.ଶ 01 ଜୁଲ୍‌ହାଜା 1438 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍ରିହି ଓ୍ୱ ଅମ୍ରିହି ॥

**ମୁଁ ଖୁଦାତାଲାଙ୍କ ରାଣ ଖାଇ କହୁଛି ଯେ ଏହି ଏଲ୍‌ହାମ୍ (ସ୍ୱର୍ଗବାଣୀ) ଗୁଡିକ ଉପରେ ମୋର ଏପରି ବିଶ୍ୱାସ ଅଛି ଯେପରି ବିଶ୍ୱାସ ପବିତ୍ର କୋରାନ୍ ଓ ଖୁଦାଙ୍କ ଅନ୍ୟ ପୁସ୍ତକ ଉପରେ ଅଛି । ଯେପରି ମୁଁ ପବିତ୍ର କୋରାନ୍‌କୁ ଦୃଢ଼ ବିଶ୍ୱାସର ସହ ଖୁଦାଙ୍କ ବାଣୀ ରୂପେ ଜାଣୁଛି ସେହିପରି ଏହି ବାଣୀକୁ ମଧ୍ୟ ଜାଣୁଛି ଯାହା ମୋ ଉପରେ ଅବତୀର୍ଣ୍ଣ ହେଉଅଛି । ଖୁଦାଙ୍କ ବାଣୀକୁ ବିଶ୍ୱାସ କରୁଛି କାରଣ ତା ସହିତ ଐଶ୍ୱରୀକ ଦିପ୍ତି ଓ ଔଜଲ୍ୟକୁ ମୁଁ ଦେଖୁଛି ଏବଂ ସେଥିରେ ଅଲ୍ଲାଃଙ୍କ ଶକ୍ତି/ବୈଭବର ଦୃଷ୍ଟାନ୍ତ ପାଉଛି ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

(୨୨)- ୨୨ତମ ଚିହ୍ନ ଏହା ହେଉଛି ଯେ ଯେପରି ମୁଁ ଏବେ ଲେଖିସାରିଛି । ଯେତେବେଳେ ମତେ ଏ ଖବର ଦିଆଗଲା ଯେ ମୋ ବାପାଙ୍କର ସୂର୍ଯ୍ୟାସ୍ତ ପରେ ମୃତ୍ୟୁ ହୋଇଯିବ ବୋଲି ସେତେବେଳେ ଜଣେ ସାଧାରଣ ମଣିଷ ହିସାବରେ ଏ ଖବର ଶୁଣି ମତେ ବହୁତ କଷ୍ଟ ହେଲା । ଯେହେତୁ ଆମ ଜୀବନ ଜୀବିକାର ଅଧିକାଂଶ ନିର୍ଭର ତାଙ୍କ ଜୀବନ ସହିତ ଜଡ଼ିତ ଥିଲା । ସେ ଅଂଗ୍ରେଜ ସରକାରଙ୍କ ନିକଟରୁ ପେନ୍‌ସନ୍ ପାଉଥିଲେ ଏବଂ ବହୁତ ଗୁଡିଏ ଟଙ୍କା ଉପହାର ସଦୃଶ ପାଉଥିଲେ ଯାହା ତାଙ୍କ ଜୀବନ କାଳ ପାଇଁ ସର୍ତ ଥିଲା । ସେଥିପାଇଁ ମନରେ ଏ ଧାରଣା ଜନ୍ମିଲା ଯେ ତାଙ୍କ ମୃତ୍ୟୁପରେ କଣ ହେବ ? ଓ ମନରେ ଭୟଜାତ ହେଲା ଯେ ଜଣାପଡୁଛି ଆମ ଜୀବନରେ ସଂକୀର୍ଣ୍ଣତା ଓ ଦୁଃଖକଷ୍ଟ ଆସିପାରେ । ଏହି ସମସ୍ତ ଭାବନା ବିଜୁଳି ଆଲୋକ ବେଗରେ ଗୋଟିଏ ସେକେଣ୍ଡ୍‌ରୁ କମ୍ ସମୟ ଭିତରେ ହୃଦୟ ଭିତର ଦେଇ ପାରିହୋଇଗଲା । ତେବେ ସେହିକ୍ଷଣି ମତେ ତନ୍ଦ୍ରା ଲାଗି ଦ୍ୱିତୀୟ ସ୍ୱର୍ଗବାଣୀ ହେଲା ''ଆ ଲଇସଲ୍ଲାହୁ ବିକାଫିନ୍ ଅବ୍‌ବହୁ'' ଅର୍ଥାତ୍-ଖୁଦା କଣ ନିଜ ଭକ୍ତଙ୍କ ପାଇଁ ଯଥେଷ୍ଟ ନୁହନ୍ତି ।

ଏହି ଐଶ୍ୱରିକ ବାଣୀ ହେବା ସହିତ ହୃଦୟ ଏପରି ଦୃଢ଼ ହୋଇଗଲା ଯେପରି ଗୋଟିଏ ଭିଷଣ କଷ୍ଟ ହେଉଥିବା ଘା' କୌଣସି ଏକ ପ୍ରଲେପ ଦ୍ୱାରା ତତ୍‌କ୍ଷଣାତ୍ ଠିକ୍ ହୋଇଯାଏ । ବାସ୍ତବରେ ଏହି କଥା ବାରମ୍ବାର ପରିକ୍ଷିତ ହୋଇସାରିଛି ଯେ ଓ୍ୱହି ଏଲାହି (ଐଶ୍ୱରିକ ବାଣୀ) ଦ୍ୱାରା ହୃଦୟକୁ ଶାନ୍ତି ଦେବାପାଇଁ ଏକ ବିଶେଷ ଗୁଣ ନିହିତ ଅଛି । ଏହି ବିଶେଷତାର ମୂଳ ସେହି ବିଶ୍ୱାସ ଅଟେ ଯାହା ଓ୍ୱହି ଏଲାହି ଉପରେ ହୋଇଥାଏ । ଦୁଃଖଲାଗୁଛି ସେ ଲୋକମାନଙ୍କ ଉପରେ, ଯେଉଁମାନେ ନିଜ ଉପରେ ଏଲ୍‌ହାମ୍ ହେବାର ଦାବୀ କରି ମଧ୍ୟ କହୁଛନ୍ତି ଯେ ଆମର ଏହି ଏଲ୍‌ହାମ୍ ବିଭ୍ରାନ୍ତିକର ଅଟେ ଜଣାନାହିଁ ଏହା ସଇତାନି ବା ରହ୍‌ମାନି । ଏପରି ଏଲ୍‌ହାମ୍‌ର କୁଫଳ ତା'ର ଲାଭଠାରୁ ଅଧିକା କିନ୍ତୁ ମୁଁ ଅଲ୍ଲାଃଙ୍କ ରାଣ ଖାଇ କହୁଛି ଯେ ଏହି ଏଲ୍‌ହାମ୍ ଗୁଡିକ ଉପରେ ମୋର ଏପରି ବିଶ୍ୱାସ ଅଛି ଯେପରି ବିଶ୍ୱାସ ପବିତ୍ର କୋରାନ୍ ଓ ଖୁଦାଙ୍କ ଅନ୍ୟ ପୁସ୍ତକ ଗୁଡିକ ଉପରେ ଅଛି । ମୁଁ ଯେପରି ପବିତ୍ର କୋରାନ୍‌କୁ ଖୁଦାଙ୍କ ବାଣୀ ବୋଲି ଦୃଢ଼ ବିଶ୍ୱାସର ସହି ମଣୁଛି ସେହିପରି ଏହି ବାଣୀଗୁଡିକୁ ମଧ୍ୟ ଯାହା ମୋ ଉପରେ ଅବତୀର୍ଣ୍ଣ ହେଉଅଛି । ମୁଁ ଖୁଦାଙ୍କ ବାଣୀକୁ ବିଶ୍ୱାସ କରୁଛି କାରଣ ତା ସହିତ ଐଶ୍ୱରିକ ଦିପ୍ତି ଓ ଔଜଲ୍ୟକୁ ଦେଖୁଅଛି ଓ ସେଥିରେ ଅଲ୍ଲାଃଙ୍କ ବୈଭବର ଦୃଷ୍ଟାନ୍ତ ପାଉଛି । ସୁତରାଂ ଯେବେ ମୋତେ ଏ ଏଲ୍‌ହାମ୍ ''ଆ ଲୈସଲ୍ଲାହୁ ବିକାଫିନ୍ ଅବ୍‌ବୁହୁ'' ହେଲା, ସେହିକ୍ଷଣି ମୁଁ ବୁଝିନେଲି ଯେ ଖୁଦା ମୋତେ କଦାପି ନଷ୍ଟ କରିବେ ନାହିଁ । ତେବେ ମୁଁ ଜଣେ ହିନ୍ଦୁ ଖତ୍ରୀ ମଲାଓ୍ୱାମଲ ନାମୀ ବ୍ୟକ୍ତି ଯିଏ କାଦିଆନ୍‌ର ବାସିନ୍ଦା ଅଟନ୍ତି ଏବଂ ଏପର୍ଯ୍ୟନ୍ତ ଜୀବିତ ଅଛନ୍ତି, ତାଙ୍କୁ ଏ ଏଲ୍‌ହାମ୍ ଲେଖିକରି ଦେଲି ଓ ସବୁ ବିଷୟ ତାଙ୍କୁ ଶୁଣାଇଲି ଓ ତାଙ୍କୁ ଏଥିପାଇଁ ଅମୃତସର ପଠାଇଲି ଯେ ସେ ହକିମ୍ ମୌଲବୀ ମୁହମ୍ମଦ ଶରିଫ୍ କାଲାନୁରୀଙ୍କ ମାଧ୍ୟମରେ ସେ ଏହି ଏଲ୍‌ହାମ୍‌କୁ କୌଣସି ଏକ ପଥର ମୁଦିରେ ଲେଖାଇ ତାକୁ ଏକ ମୋହର ରୂପେ ତିଆରି କରି ନେଇ ଆସିବେ । ମୁଁ ସେହି ହିନ୍ଦୁ ଜଣଙ୍କୁ କେବଳ ଏଥିପାଇଁ ଚୟନ କରିଲି ଯେ ସେ ଏହି ମହାନ୍ ଐଶିବାଣୀର ସାକ୍ଷୀ ହୋଇ ରହିବେ ଓ ତାଙ୍କ ସହ ମୌଲବୀ ମୁହମ୍ମଦ ଶରିଫ୍ ମଧ୍ୟ ସାକ୍ଷୀ ହୋଇରହିବେ । ସୁତରାଂ ସେହି ମୁଦିଟି ମୌଲବୀ ସାହେବଙ୍କ ଜରିଆରେ ପାଂଚଟଙ୍କା ବିନିମୟରେ ତିଆରି ହୋଇ ମୋ ପାଖରେ ପହଂଚିଲା । ଯାହା ଏପର୍ଯ୍ୟନ୍ତ ମୋ ପାଖରେ ଅଛି ।....... ଏହି ଏଲ୍‌ହାମ୍ ସେ ସମୟରେ ହୋଇଥିଲା ଯେତେବେଳେ ଆମ ଜୀବନ ଜୀବିକାର ସବୁ ଭାର ବାପାଙ୍କର ଗୋଟିଏ ଆମଦାନୀ ଉପରେ ନିର୍ଭର ଥିଲା । ବାହାର ଲୋକମାନଙ୍କ ମଧ୍ୟରୁ ମତେ କେହି ଜଣେ ମଧ୍ୟ ଜାଣିନଥିଲେ । ମୁଁ ଜଣେ ଅଜ୍ଞାତ ବ୍ୟକ୍ତି ଥିଲି । ଯିଏ କାଦିଆନ୍ ଭଳି ନିର୍ଜନ ଗ୍ରାମରେ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଆପଣମାନଙ୍କ କାର୍ଯ୍ୟ ହେଉଛି ଇସ୍‌ଲାମ୍ ଓ ଅହେମଦୀୟତ୍‌ର ଶିକ୍ଷାକୁ ସମଗ୍ର ବିଶ୍ୱକୁ ଜଣାଇବା । ସେଥିଯୋଗୁଁ ଆପଣମାନଙ୍କ ଦିନି ମାଲୁମାତ୍ (ଧର୍ମୀୟ ଶିକ୍ଷାର ଜ୍ଞାନ) ବହୁତ ହେବା ଆବଶ୍ୟକ । ନିଜ ଅକିଦା (ବିଶ୍ୱାସ) ବିଷୟରେ ଉଚିତ୍ ଜ୍ଞାନ ରହିବା ଆବଶ୍ୟକ । ଏବଂ ଇସ୍‌ଲାମୀୟ ଶିକ୍ଷାର ପାଳନ କରୁଥିବ । ଉଦାହରଣ ସ୍ୱରୂପ ଲଜ୍ଜାଶୀଳ ପୋଷାକ ପିନ୍ଧନ୍ତୁ । ବୁର୍କା ଓ କୋଟ୍ ପିନ୍ଧିବାର ବୟସ ହୋଇଥିଲେ ଏହାକୁ ନ ପିନ୍ଧି ଘରୁ ବାହାରନ୍ତୁ ନାହିଁ । ଅଶିଷ୍ଟ ମଜ୍‌ଲିସ୍, କୁ ଚରିତ୍ର ସାଙ୍ଗ ସାଥି, ଇଂଟରନେଟ୍ ଏବଂ ମୋବାଇଲ୍ ଫୋନ୍ ଇତ୍ୟାଦି ଖରାପ କାର୍ଯ୍ୟରୁ ନିଜକୁ ବଂଚାଇ ରଖନ୍ତୁ ।ନାସ୍‌ରାତ୍ ମାନଙ୍କ ବୟସ ପଢ଼ିବାର ବୟସ ଅଟେ । ନିଜ ଶିକ୍ଷାପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଓ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ପରିଶ୍ରମ କରନ୍ତୁ ଓ ଦୁଆର (ପ୍ରାର୍ଥନାର) ସାହାଯ୍ୟରେ କାର୍ଯ୍ୟ କରନ୍ତୁ । ପ୍ରତ୍ୟେକ ଯୁମାରେ ଯେତେବେଳେ ମୋ ଖୁତ୍‌ବା ଏମ୍.ଟି.ଏ ରେ ପ୍ରସାରଣ ହେଉଛି ତାକୁ ଶୁଣିବାର ପ୍ରବନ୍ଧ କରନ୍ତୁ । ତା ସହିତ କିଛି କଥା ନୋଟ୍ କରନ୍ତୁ ଯଦ୍ଦ୍ୱାରା ଖୁତ୍‌ବା ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ରହିବ ।

## ନାସିରାତୁଲ୍ ଅହେମଦୀୟା ଜର୍ମାନୀର ତ୍ରୈମାସିକ ପତ୍ରିକା ''ଗୁଲ୍‌ଦସ୍ତା''ର ଶୁଭାରମ୍ଭ ନିମନ୍ତେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ବିଶେଷ ବାର୍ତା

**ଲଣ୍ଡନ**

**୨୦-୦୩-୨୦୧୭**

**ଯମାତ ଅହେମଦୀୟା ଜର୍ମାନୀର**

**ପ୍ରୀୟ ନାସିରାତୁଲ୍ ଅହେମଦୀୟା**

ଅସ୍‌ସଲାମୋ ଆଲେକୁମ୍ ୱ ରହମତୁଲ୍ଲାହି ୱ ବରକାତୁହୁ । ମୁଁ ଜାଣି ବହୁତ ଖୁସି ହେଲି ଯେ ଆପଣଙ୍କୁ ତ୍ରୈମାସିକ ପତ୍ରିକା ''ଗୁଲ୍‌ଦସ୍ତା''ର ଶୁଭାରମ୍ଭ କରିବା ସୌଭାଗ୍ୟ ପ୍ରାପ୍ତ ହେଉଅଛି । ଅଲ୍ଲାଃତାଲା ଏହାକୁ ପ୍ରତ୍ୟେକ କ୍ଷେତ୍ରରୁ ବର୍‌କାତ୍ ଦିଅନ୍ତୁ । (ଆମିନ୍)

ସେଥିପାଇଁ ମୋହ୍‌ତରମା ସଦର୍ ଲଜ୍‌ନା ଇମାଇଲ୍ଲାଃ ମୋ ନିକଟରୁ ଏକ ବାର୍ତାର ନିବେଦନ କରିଛନ୍ତି । ମୋର ବାର୍ତା ଏହା ହେଉଛି ଯେ ଜେଲି ତନ୍‌ଜିମ୍‌ର ସ୍ଥାପନା ଖିଲାଫତ୍ ଅହେମଦୀୟାର ବର୍‌କତ୍ ମଧ୍ୟରୁ ଏକ ମହାନ୍ ବର୍‌କତ୍ ଅଟେ । ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ଏହାର ଶୁଭାରମ୍ଭ (ପ୍ରଚଳନ) କରାଉଛନ୍ତି । ଯଦ୍ଦ୍ୱାରା ଯମାତ୍ ଅହେମଦୀୟାର ପ୍ରତ୍ୟେକ ଶ୍ରେଣୀର ଲୋକେ ଧର୍ମସେବା କାର୍ଯ୍ୟରେ ନିଜର ଭୂମିକା ତୁଲାଇ ପାରିବେ । ଏବଂ ବିଭିନ୍ନ ଉପାୟରେ ନିଜର ସାମର୍ଥ୍ୟକୁ ଉଜାଗର କରିବା ପାଇଁ ଓ ନିଜ ବ୍ୟକ୍ତିତ୍ୱର ପରିପ୍ରକାଶ ପାଇଁ ଅବସର ପାଇପାରିବେ । ଲଜ୍‌ନା ଇମାଇଲ୍ଲାଃ ମଧ୍ୟ ଯମାତ୍‌ର ଜେଲି ତନ୍‌ଜିମ୍ ମାନଙ୍କ ମଧ୍ୟରୁ ଏକ ଅଟେ । ଯାହାର ଏକ ଶାଖାକୁ ନାସିରାତୁଲ୍ ଅହେମଦୀୟା କୁହାଯାଏ । ଯିଏ ପନ୍ଦର ବର୍ଷ ପର୍ଯ୍ୟନ୍ତ ଅହେମଦୀ ଝିଅମାନଙ୍କ ଜନ୍‌ଜିମ୍ (ଗୋଷ୍ଠୀ) । ତେଣୁ ଆପଣମାନେ ଅଲ୍ଲାଃଙ୍କ କୃପାରୁ ଯମାତ୍‌ର ମଜ୍‌ବୁତ୍ ଓ କର୍ମଠ ଗୋଷ୍ଠୀର ଏକ ଅଂଶ ଅଟ, ଯାହାର କାମ ହେଉଛି ଇସ୍‌ଲାମ୍ ଓ ଅହେମଦୀୟତ୍‌ର ଶିକ୍ଷାକୁ ସାରା ସଂସାରରେ ପରିଚିତ କରାଇବା । ସେଥିପାଇଁ ଆପଣମାନଙ୍କ ଧର୍ମୀୟ ଜ୍ଞାନ ଅଧିକା ହେବା ଆବଶ୍ୟକ । ନିଜ ଅକିନା (ଆସ୍ଥା ଓ ବିଶ୍ୱାସ) ବିଷୟରେ ସଠିକ୍ ଜ୍ଞାନ ରହିବା ଆବଶ୍ୟକ ଓ ଇସ୍‌ଲାମୀୟ ଶିକ୍ଷାକୁ ପାଳନ କରୁଥିବ । ଉଦାହରଣ ସ୍ୱରୂପ ଲଜ୍ଜାବାନ ପୋଷାକ ପିନ୍ଧନ୍ତୁ । ବୁର୍କା ଓ କୋଟ୍ ପିନ୍ଧିବାର ବୟସ ହୋଇଥିଲେ ଏହାକୁ ନ ପିନ୍ଧି ଘରୁ ବାହାରନ୍ତୁ ନାହିଁ । ଅଶିଷ୍ଟ ମଜ୍‌ଲିସ୍ କୁ ଚରିତ୍ର ସଙ୍ଗତ, ଇଂଟରନେଟ୍ ଓ ମୋବାଇଲ୍ ଫୋନ୍ ଇତ୍ୟାଦି ଖରାପ କାର୍ଯ୍ୟରୁ ନିଜକୁ ବଂଚାଇ ରଖନ୍ତୁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ପୁସ୍ତକ ''କଶ୍‌ତି ନୁହ୍'' ରେ କୁ ସଙ୍ଗତା ଓ ଖରାପ ମଜ୍‌ଲିସ୍‌କୁ ପରିତ୍ୟାଗ କରୁନଥିବା ଲୋକଙ୍କୁ ବହୁତ ଭୟ ଦେଖାଇଛନ୍ତି । ତେଣୁ ଏହି ଶିକ୍ଷାକୁ ସର୍ବଦା ମନେରଖ । ନାସିରାତମାନଙ୍କ ବୟସ, ପଢ଼ିବାର ବୟସ । ନିଜ ଶିକ୍ଷା ନିମନ୍ତେ ବିଶେଷ ଧ୍ୟାନ ଦିଅ, ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପରିଶ୍ରମ କର ଏବଂ ଦୁଆ ସାହାଯ୍ୟରେ କାର୍ଯ୍ୟକର । ଆପଣମାନେ ନିଜର କାର୍ଯ୍ୟଶୈଳୀକୁ ଏପରି ତିଆରି କରନ୍ତୁ ଯେଉଁଥିରେ ଆପଣମାନଙ୍କର ଧର୍ମ ପ୍ରତି ପ୍ରେମ ସ୍ପଷ୍ଟ ହେଉଥିବ । ଉଦାହରଣ ସ୍ୱରୂପ ପ୍ରତ୍ୟେକ ଯୁମାରେ ଯେବେ ମୋ ଖୁତ୍‌ବା ଏମ୍.ଟି.ଏ ରେ ପ୍ରସାରଣ ହେବ ତେବେ ତାହା ଶୁଣିବା ପାଇଁ ପ୍ରବନ୍ଧ କର । କିଛି କଥାକୁ ନୋଟ୍ କରନ୍ତୁ ଫଳତଃ ଖୁତ୍‌ବା ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ରହିବ । ଯେଉଁ କଥା ବୁଝିପାରିବ ନାହିଁ ତାହା ଘରର କୌଣସି ବଡ଼ ଲୋକଙ୍କଠୁ ପଚାରି ବୁଝିନିଅ । ଏହାଦ୍ୱାରା ଖଲିଫାଏ ୱକତ (ଯୁଗ ଖଲିଫା) ଙ୍କ ସହିତ ପ୍ରତ୍ୟେକ୍ଷ ସମ୍ପର୍କ ସ୍ଥାପନ ହୋଇଯିବ । ଧର୍ମୀୟ ଜ୍ଞାନ ବୃଦ୍ଧି ହେବ । ବିଚାର ଭାବନା ପବିତ୍ର ହେବ ଓ ଧର୍ମ ସେବା ଏବଂ ଯମାତି ପ୍ରୋଗ୍ରାମ୍‌ରେ ସାମିଲ୍ ହେବାର ଭାବନା ସୁଦୃଢ଼ ହେବ । ମନେରଖ ଆପଣମାନେ ନିଜକୁ ଦୀନ୍ ସହିତ ଯେତେ ନିକଟତର କରାଇବେ ସେତେ ସାମାଜିକ ମଳିନତାରୁ ସୁରକ୍ଷିତ ରହିପାରିବେ । ଏଥିରେ ଆତ୍ମସନ୍ତୋଷ ପ୍ରାପ୍ତ କରିବେ । ତବ୍‌ଲିଗ୍ କରିଲେ କଥାର ପ୍ରଭାବ ପଡ଼ିବ ।

ପତ୍ରିକାର ପତ୍ରନ୍ଧକଙ୍କୁ ମଧ୍ୟ ମନେରଖିବାକୁ ହେବ ଯେ ପ୍ରତ୍ୟେକ ଅଙ୍କରେ ପବିତ୍ର କୋରାନ୍‌ର ଓ ହଦିସ୍ ଶରିଫ୍‌ର କିଛି ଅଂଶ ସାମିଲ୍ ହେବା ଆବଶ୍ୟକ । ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଲେଖନୀରୁ ଇକ୍‌ତେବାସ (ଚୟନ ହୋଇଥିବା ପାରା)କୁ ସାମିଲ୍ କରନ୍ତୁ । ଏବଂ କିଛି ପୃଷ୍ଠା ମୋ ଖୁତ୍‌ବା ଗୁଡିକ ନିମନ୍ତେ ନିର୍ଦ୍ଦିଷ୍ଟ କରନ୍ତୁ । ଖୁତ୍‌ବା ଗୁଡିକୁ ପ୍ରଶ୍ନ ଉତର ଆକାରରେ ମଧ୍ୟ ଛାପନ୍ତୁ, ଯଦ୍ଦ୍ୱାରା କମ୍ ବୟସରୁ ଆମ ଅହେମଦୀ ଝିଅମାନଙ୍କୁ ଖିଲାଫତ୍ ସହିତ ସମ୍ପର୍କ ମଜ୍‌ବୁତ୍ ହୋଇଚାଲିବ । ଏହିପରି ଜ୍ଞାନକୁ ବୃଦ୍ଧି କରିବା ଓ ଜ୍ଞାନର ଗବେଷଣା ପ୍ରତି ଇଚ୍ଛା ପ୍ରକାଶ ହେବାପାଇଁ ମାର୍ଗ ମିଳିବ । ନାସିରାତ୍ ପିଲାଙ୍କଠାରୁ ଛୋଟ ଛୋଟ ବିଷୟ ଲେଖ ଓ ଶିକ୍ଷଣୀୟ କାହାଣୀ ଲେଖାଇ ସେଗୁଡିକୁ ପତ୍ରିକାର ଅଂଶ ବନାନ୍ତୁ । ଯଦ୍ଦ୍ୱାରା ସେମାନେ ଅନୁଭବ କରିବେ ଯେ ଏହା ତାଙ୍କ ନିଜ ପତ୍ରିକା ଅଟେ । ଫଳତଃ ସେମାନଙ୍କୁ ଏହାର ପଠନ ନିମନ୍ତେ ବିଶେଷ ଆଗ୍ରହ ହେବ । ଅଲ୍ଲାଃତାଲା ଆପଣମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ !

**ୱସ୍ ସଲାମ୍**

**ମିର୍ଜା ମସ୍‌ରୁର୍ ଅହମଦ୍**

**ଖଲିଫତୁଲ୍ ମସିହିଲ୍ ଖାମିସ୍**

# ଖୁତ୍‌ବା ଜୁମା

★ଆସନ୍ତା ଜୁମାରୁ **ଇନ୍ନଶା ଅଲ୍ଲାଃ** ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଅଛି । ଅଲ୍ଲାଃଙ୍କ କୃପାରୁ ଜଲସାରେ ଯୋଗଦେବା ପାଇଁ ବିଭିନ୍ନ ଦେଶରୁ ଅତିଥିମାନଙ୍କର ଆଗମନ ଆରମ୍ଭ ହୋଇଗଲାଣି ଏବଂ ଯେଭଳି ଜଲସାର ଦିନ ନିକଟତର ହେବ ନିକଟ ଓ ଦୂର ଦେଶମାନଙ୍କରୁ ଅତିଥିମାନଙ୍କ ସଂଖ୍ୟାରେ ଅଭିବୃଦ୍ଧି ଘଟିଚାଲିବ ।

★ଜଣେ ସାଧାରଣ କର୍ମୀ ଯେପରିକି ଏକ ଛୋଟ ପିଲା ଯେ କି ଅତିଥିମାନଙ୍କୁ ଜଳ ପାନ କରାଇଥାଏ ତାହାର ନିଃସ୍ୱାର୍ଥପର ଭାବରେ ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ଯେଉଁସ୍ଥଳେ ତାହାକୁ ଅଲ୍ଲାଃଙ୍କ ପ୍ରୀତିଭାଜନା ଲାଭ କରିବାର ଅବସର ପ୍ରଦାନ କରିଥାଏ ସେଠାରେ ତାହା ଅନ୍ୟମାନଙ୍କୁ ପ୍ରଭାବିତ କରିବାର ମଧ୍ୟ ମାଧ୍ୟମ ସାଜିଥାଏ ।

★ସର୍ବଦା ମନେରଖିବା ଉଚିତ୍ ଯେ, ଅତିଥି ସତ୍କାର ଏକ ମହତ୍ୱପୂର୍ଣ୍ଣ ବିଭାଗ ଅଟେ ଏବଂ ଅତିଥି ସତ୍କାର କେବଳ ଏତିକି ନୁହେଁ କି ଅତିଥିମାନଙ୍କୁ ଖାଦ୍ୟ ଖୁଆଇ ଦେବା କିମ୍ବା ଜଳ ପାନ କରାଇଦେବା କିମ୍ବା ଅଧିକରୁ ଅଧିକ ସେମାନଙ୍କ ରହିବା ଅର୍ଥାତ ବିଶ୍ରାମର ବ୍ୟବସ୍ଥା କରିଦେଲେ ସମ୍ପୂର୍ଣ୍ଣ ହୋଇଯାଇଥାଏ ।

★ଏକଥା ଆମକୁ ମନେରଖିବା ଉଚିତ୍ ଯେ ନିଜେ କଷ୍ଟ ସହ୍ୟ କରି ମଧ୍ୟ ଅତିଥିମାନଙ୍କୁ ଆରାମ ଓ ସୁବିଧା ପ୍ରଦାନ କରିବାକୁ ଚେଷ୍ଟା କରିବା ଉଚିତ୍ । ପ୍ରତ୍ୟେକ ବିଭାଗର ଅଧିକାରୀମାନଙ୍କୁ ମୁଁ କହିବାକୁ ଚାହେଁ ଯେ, ଯଦି ସେମାନଙ୍କ ବ୍ୟବହାର ନମ୍ର ଓ ଆଚରଣ ଉତମ ଅଟେ, ସେମାନଙ୍କ ମଧ୍ୟରେ ଧୈର୍ଯ୍ୟ ଏବଂ ଅନୁଚିତ୍ କଥା ଶୁଣିବାର ସାହାସ ରହିଛି ତେବେ ସେମାନଙ୍କ ନାଏବ ଓ ସହଯୋଗୀମାନେ ମଧ୍ୟ ସେହିପରି ଅତିଥିମାନଙ୍କ ସହ ବ୍ୟବହାର ପ୍ରଦର୍ଶନ କରିବା ସହିତ ଅତିଥି ସତ୍କାରର ସୁନ୍ଦର ନମୁନା ପ୍ରଦର୍ଶନ କରିବେ ।

★ଅତିଥିମାନଙ୍କ ବିଶ୍ରାମର ପ୍ରବନ୍ଧ କରୁଥିବା ସେବକମାନଙ୍କୁ ମନେରଖିବା ଉଚିତ୍ ଯେ, ସାମୁହିକ ବିଶ୍ରାମସ୍ଥଳି ଓ ତମ୍ବୁରେ ମଧ୍ୟ ମହିଳା ଓ ପିଲାମାନଙ୍କର ବିଶେଷ ଭାବରେ ଧ୍ୟାନ ରଖିବା ଉଚିତ୍ ।

★ଗମନାଗମନର ମଧ୍ୟ ଏକ ବଡ଼ ମହତ୍ୱପୂର୍ଣ୍ଣ ବ୍ୟବସ୍ଥା ଅଟେ । ଏଥର ଦୂରରେ Parking ବ୍ୟବସ୍ଥା କରାଯାଇଥିବାରୁ ଅଧିକାଂଶ ଷ୍ଟାଲ୍ ବସର ବ୍ୟବସ୍ଥା କରାଯାଇଛି, ଯଦ୍ୱାରା ଲୋକମାନେ ଠିକ୍ ସମୟରେ ଜଲସାରେ ପହଂଚିପାରିବେ । କାରରେ ଆସୁଥିବା ଅତିଥିମାନଙ୍କୁ ମନେରଖିବା ଉଚିତ୍ ଯେ ସେମାନଙ୍କ Parking ଅଧିକ ଦୂରରେ ହୋଇପାରେ । ତେଣୁକରି ସମୟର ଧ୍ୟାନ ରଖି ନିଜର ଯାତ୍ରା ଆରମ୍ଭ କରିବେ ।

★ମୋ ନିୟମ ଅନୁଯାୟୀ ଯଦି କେହି ଅତିଥି ଆସନ୍ତି ଏବଂ ଖରାପ କଥା କୁହନ୍ତି ତେବେ ମଧ୍ୟ (କର୍ମୀଙ୍କୁ) ଧୈର୍ଯ୍ୟ ରକ୍ଷା କରିବା ଉଚିତ୍ । ଆପଣଙ୍କ ଅତିଥି ସତ୍କାରର ସ୍ତର ବର୍ଣ୍ଣନା କରି ଜଣେ ଲେଖିଲେ କି ହଜୁର ଆ.ସଙ୍କର ଅତିଥି ସତ୍କାର ହଜରତ ମହମ୍ମଦ ସ.ଆଙ୍କ ପରି ଉତମ ଓ ଜୀବନ୍ତ ଉଦାହରଣ ଅଟେ ।

★ହଜରତ ମହମ୍ମଦ ସ.ଆ ଆମ୍ଭକୁ ଅତିଥିଙ୍କ ମହତ୍ୱ ଓ ସମ୍ମାନ ରକ୍ଷା ସମ୍ବନ୍ଧରେ କ'ଣ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସମ୍ବନ୍ଧରେ ହଦିସରେ ଦରଜ ଅଛି ହଜୁର ସ.ଆ କୁହନ୍ତି– ଅଲ୍ଲାଃ ଓ ଅନ୍ତିମ ଦିବସ ଉପରେ ବିଶ୍ୱାସ ଆଣିବା ନିମନ୍ତେ ତିନୋଟି କାର୍ଯ୍ୟ କରିବା ଅନିର୍ବାର୍ଯ୍ୟ । **ପ୍ରଥମ** ଏହି କି ଯେ ଭଲ କଥା କୁହ ନଚେତ୍ ନିରବ ରୁହ **ଦ୍ୱିତୀୟ** ନିଜ ପଡ଼ୋସିର ଆଦର ଓ ସମ୍ମାନ କର **ତୃତୀୟ** ନିଜ ଅତିଥିଙ୍କର ସତ୍କାର କର । ସୁତରାଂ ଅତିଥି ସତ୍କାର ମଧ୍ୟ ଅଲ୍ଲାଃ ଓ ଅନ୍ତିମ ଦିବସ ଉପରେ ବିଶ୍ୱାସ ଆଣିବା ପାଇଁ ସର୍ତ୍ତ ମଧ୍ୟରୁ ଗୋଟିଏ ସର୍ତ୍ତ ଅଟେ । ଏତତ୍ ବ୍ୟତୀତ ମଧ୍ୟ ଅନେକ ସର୍ତ୍ତ ରହିଛି କିମ୍ବା ଆମେ କହିପାରିବା କି ଜଣେ ମୋମିନ୍‌ର ଉଚ୍ଚ ସ୍ତର ହାସଲ କରିବା ନିମନ୍ତେ ଅତିଥିଙ୍କ ସତ୍କାର କରିବା ସର୍ତ୍ତ ଅଟେ ।

★ଅତିଥିଙ୍କ ସତ୍କାର କରିବା ବିଷୟରେ ଏହା ମଧ୍ୟ କହିରଖେ ଯେ ହଜରତ ମହମ୍ମଦ ସ.ଆ ଅତିଥିଙ୍କ ଧାର୍ମିକ ସ୍ତର ଓ ମାନସିକତାର ମଧ୍ୟ ଧ୍ୟାନ ରଖନ୍ତି । ଅତଃ ଦରଜ ଅଛି ହଜୁର ସ.ଆ ଅତିଥିଙ୍କୁ ଖାଦ୍ୟ ଖୁଆଇବା ପରେ ସୋଇବା ନିମନ୍ତେ ସେମାନଙ୍କ ଇଚ୍ଛା ମୁତାବକ ମସଜିଦ୍ ପଠାଇ ଦିଅନ୍ତି ଏବଂ ପାହାନ୍ତାରେ ଫଜର୍ ନମାଜ ପାଇଁ ଜଗାଇ ଦିଅନ୍ତି ।

★ଖୁବାର ଶେଷରେ ହଜୁର ଅନଓ୍ୱର ଅ.ବ ଦୁଇ ମୃତକଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । ପ୍ରଥମ ଶ୍ରୀମାନ ସୟଦ୍ ମହମ୍ମଦ ଅହେମଦ୍ ସାହେବ ପିତା ହଜରତ ଡ଼ାଃ ମିର୍ ମହମ୍ମଦ ଇସମାଇଲ୍ ସାହେବ ର.ଅ ଯେ ଚଳିତ ମାସ ୧୩ ତାରିଖ ଦିନ ୯୨ ବର୍ଷ ବୟସରେ ଲାହୋର ଠାରେ ଦେହ ତ୍ୟାଗ କଲେ **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ଦ୍ୱିତୀୟ ଶ୍ରୀମାନ ମହେମୁଦା ବେଗମ୍ ସାହେବ ପତ୍ନୀ ଚୌଧରୀ ମହମ୍ମଦ ସିଦିକ୍ ସାହେବ ଭଟିଙ୍କର ଅଟେ । ସେ ଶ୍ରୀମାନ ଅସଗର୍ ଅଲ୍ଲୀ ଭଟି ସାହେବ ମୁବଲିଗ୍ ସିଲ୍‌ସିଲା ନାଇଜେରିଆଙ୍କର ମାତା ଥିଲେ । ଚଳିତ ମାସ ୧୬ ତାରିଖ ଦିନ ୭୩ ବର୍ଷ ବୟସରେ ସେ ଦେହ ତ୍ୟାଗ କଲେ **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** ।

---

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୨୧ ଜୁଲାଇ ୨୦୧୭ ଅନୁଯାୟୀ ୨୧ ଓ୍ୱଫା ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔

اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ– ଆସନ୍ତା ଜୁମାରୁ **ଇନ୍ନଶା ଅଲ୍ଲାଃ** ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଅଛି । ଅଲ୍ଲାଃଙ୍କ କୃପାରୁ ଜଲସାରେ ଯୋଗଦେବା ପାଇଁ ବିଭିନ୍ନ ଦେଶରୁ ଅତିଥିମାନଙ୍କର ଆଗମନ ଆରମ୍ଭ ହୋଇଗଲାଣି ଏବଂ ଯେଭଳି ଜଲସାର ଦିନ ନିକଟତର ହେବ ନିକଟ ଓ ଦୂର ଦେଶମାନଙ୍କରୁ ଅତିଥିମାନଙ୍କ ସଂଖ୍ୟାରେ ଅଭିବୃଦ୍ଧି ଘଟିଚାଲିବ । ପୁଣି ଇଂଲଣ୍ଡର ବିଭିନ୍ନ ସହରମାନଙ୍କରୁ ମଧ୍ୟ ଅତିଥିମାନେ ଆସିଯିବେ । ଜଲସାର ବରକତରୁ ଉପକୃତ ହେବା ନିମନ୍ତେ ଅହେମଦିମାନଙ୍କ ବ୍ୟତୀତ ବିଭିନ୍ନ ଦେଶରୁ ଅଣମୁସଲମାନ ଓ ଅଣଅହେମଦି ଅତିଥିମାନେ ମଧ୍ୟ ଆସିଥାନ୍ତି

ଯେଉଁମାନଙ୍କ ମଧ୍ୟରେ କେତେକ ଦେଶର ପ୍ରଶାସନିକ ପ୍ରତିନିଧି, ସରକାରୀ ଅଫିସର୍, ଉଚ୍ଚଶିକ୍ଷିତ ଲୋକଙ୍କ ପରି ପ୍ରଭାବଶାଳୀ ବ୍ୟକ୍ତିତ୍ୱମାନେ ଯୋଗଦେଇଥାନ୍ତି । ସେହିପରି ପ୍ରେସ୍ ଓ ମିଡ଼ିଆ ସହ ସମ୍ପର୍କିତ ଲୋକମାନଙ୍କ ସଂଖ୍ୟା ବଢ଼ିବା ଆରମ୍ଭ ହୋଇଗଲାଣି ଏବଂ ଏ ସମସ୍ତ ଆଗମନକାରୀମାନେ ଆମର ସମସ୍ତ ଆଚରଣର ଗଭୀର ଅନୁଧ୍ୟାନ କରିଥାନ୍ତି । ପୁଣି ସେଥିରେ ସେମାନେ ପ୍ରଭାବିତ ମଧ୍ୟ ହୋଇଥାନ୍ତି, ବିଶେଷକରି ଯେତେବେଳେ ସେମାନେ ଆମ ବ୍ୟବସ୍ଥାକୁ ଦେଖିଥାନ୍ତି ଯାହାକି ସମ୍ପୂର୍ଣ୍ଣ ରୂପେ ସ୍ୱୟଂ ସେବା ଉପରେ ଆଧାରିତ ବ୍ୟବସ୍ଥା ଅଟେ ସେତେବେଳେ ତାହା ପ୍ରଚାରର ମାର୍ଗକୁ ଆହୁରି ଅଧିକ ଉନ୍ମୁକ୍ତ କରିଦେଇଥାଏ ଓ ପାରସ୍ପରିକ ସମ୍ପର୍କକୁ ଆହୁରି ନିବିଡ଼ କରିଥାଏ ଏବଂ ସେମାନେ ଅହେମଦିୟତ୍ ସଂକ୍ରାନ୍ତରେ ଆହୁରି ଅଧିକ ଜାଣିବାକୁ ଚେଷ୍ଟା କରିଥାନ୍ତି । ସୁତରାଂ ଏହି ଦିନମାନଙ୍କରେ ଆମ କାର୍ଯ୍ୟରତ ପୁରୁଷ, ମହିଳା, ଯୁବକ, ଯୁବତୀ, ପିଲାମାନେ ଆଦି ଏକ ପ୍ରକାରର ନିରବ ପ୍ରଚାର କରିଥାନ୍ତି । ପୁଣି ପ୍ରେସ୍ ମାଧ୍ୟମରେ ଅହେମଦିୟତ୍‌ର ପରିଚୟ ସମଗ୍ର ବିଶ୍ୱରେ ବେଶ୍ ବିସ୍ତାର ଭାବରେ ପହଂଚିଥାଏ । ବର୍ତ୍ତମାନ କେତେକ ଘଟଣା ଯୋଗୁଁ ପ୍ରେସର ଧ୍ୟାନ ମଧ୍ୟ ଅନ୍ୟାନ୍ୟ ଦିନମାନଙ୍କରେ ଜମାଅତ ପ୍ରତି ରହୁଅଛି । ଯେପରି ଏହି ମହାଦେଶ ୟୁରୋପରେ କେତେକ ଆତଙ୍କବାଦୀଙ୍କ ବର୍ବର କାଣ୍ଡ ପରେ ଜମାଅତର ସଦସ୍ୟ ଯେଉଁମାନଙ୍କ ମଧ୍ୟରେ ମହିଳା, ପୁରୁଷ ଆଦି ସାମିଲ ହୋଇ ଇସଲାମର ପ୍ରକୃତ ଶିକ୍ଷା ବିଶ୍ୱବାସୀଙ୍କ ନିକଟରେ ପହଂଚାଇବାକୁ ଚେଷ୍ଟା କଲେ ଏବଂ ଏଥିରେ ଆମ ପ୍ରେସ୍ ବିଭାଗ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଜମାଅତ ଓ ଇସଲାମର ଶାନ୍ତି ପ୍ରିୟ ଶିକ୍ଷା ସମ୍ବନ୍ଧରେ ସମଗ୍ର ବିଶ୍ୱର ପ୍ରେସ୍ ବିଭାଗ ସର୍ବତ୍ର ଖବର ପ୍ରସାରଣ କଲେ । ଯେଉଁଳି ଏହି କାର୍ଯ୍ୟକ୍ରମମାନ ବଢ଼ିଚାଲିଛି ଜମାଅତର ପରିଚୟ ମଧ୍ୟ ବଢ଼ିଚାଲିଛି । ପୁଣି ଜଲସାର ଦିନମାନଙ୍କରେ ଅଲ୍ଲାହ୍‌ତାଲା ମିଡ଼ିଆ ମାଧ୍ୟମରେ ଇସଲାମର ପ୍ରଚାର ପ୍ରସାରର ବଡ଼ ସୁଯୋଗ ପ୍ରଦାନ କରିଦେଇଛନ୍ତି । ଜଲସାର କାର୍ଯ୍ୟକ୍ରମ, ବକ୍ତୃତାଗୁଡ଼ିକ ଦ୍ୱାରା ଯେଉଁସ୍ଥଳେ ଅହେମଦିମାନେ ଆଧାତ୍ମିକତାରେ ଉନ୍ନତି କରିବାକୁ ଚେଷ୍ଟା କରିଥାନ୍ତି ସେହିସ୍ଥଳେ ଅଣଅହେମଦି ଅତିଥି ଓ ପ୍ରେସ୍ ଜ୍ଞାନ ଓ ଆସ୍ଥା ବର୍ଦ୍ଧକ ଶିକ୍ଷା ଶୁଣିବା ସହିତ ସାଧାରଣତଃ ଜଲସାର ବାତାବରଣ ଏବଂ ଅହେମଦି ମହିଳା ଓ ପୁରୁଷମାନଙ୍କ ସ୍ୱୟଂସେବା ତଥା ଅତିଥିମାନଙ୍କ ସେବା କରିବା ମନୋବୃତିରେ କାମ କରିବାର ଦେଖି ଇସଲାମୀୟ ସୁନ୍ଦର ଶିକ୍ଷାର ବାସ୍ତବିକ (ବ୍ୟବହାରିକ) ଦୃଶ୍ୟ ଦେଖିନେଇଥାନ୍ତି । ଯେପରିକି ମୁଁ କହିଲି ଏହା ଏକ ବହୁତ ବଡ଼ ପ୍ରଚାରର ସାଧନ ଅଟେ । ସୁତରାଂ ଏଥିରେ ସେବକମାନଙ୍କର ବହୁତ ବଡ଼ ଭୂମିକା ରହିଛି ସେମାନେ ଯେଉଁସ୍ଥଳେ ଓ ଯେଉଁ ଅବସ୍ଥାରେ କାମ କରୁଛନ୍ତି, ସେମାନଙ୍କର ନିଜର ସ୍ୱତନ୍ତ୍ର ମହତ୍ୱ ରହିଛି ଏବଂ ଏହି ମହତ୍ୱକୁ ଜଣେ ସାଧାରଣ କର୍ମୀଠାରୁ ଆରମ୍ଭ କରି କର୍ମକର୍ତ୍ତା ପର୍ଯ୍ୟନ୍ତ ସମସ୍ତେ ନିଜ ସମ୍ମୁଖରେ ରଖିବା ଉଚିତ୍ । ଜଣେ ସାଧାରଣ କର୍ମୀ ଯେପରିକି ଏକ ଛୋଟ ପିଲା ଯେ କି ଅତିଥିମାନଙ୍କୁ ଜଳ ପାନ କରାଇଥାଏ ତାହାର ନିଃସ୍ୱାର୍ଥପର ଭାବରେ ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ଯେଉଁସ୍ଥଳେ ତାହାକୁ ଅଲ୍ଲାହ୍‌ଙ୍କ ପ୍ରୀତିଭାଜନା ଲାଭ କରିବାର ଅବସର ପ୍ରଦାନ କରିଥାଏ ସେଠାରେ ତାହା ଅନ୍ୟମାନଙ୍କୁ ପ୍ରଭାବିତ କରିବାର ମଧ୍ୟ ମାଧ୍ୟମ ସାଜିଥାଏ । ଯାହାର ଜଲସାରେ ଯୋଗଦାନକାରୀ ଅତିଥିମାନେ ପରିପ୍ରକାଶ କରିଥାନ୍ତି । ସେହିପରି କର୍ମୀମାନଙ୍କ ବ୍ୟତୀତ ଅଫିସରମାନଙ୍କୁ ମଧ୍ୟ ମନେରଖିବା ଉଚିତ୍ ଯେ ନିଜ ସହଯୋଗୀମାନଙ୍କୁ ନିଜ ଅଧିନରେ ଥିବା ସେବକ ମଣି ସେମାନଙ୍କଠାରୁ କାମ ଆଦାୟ କରିବା ପରିବର୍ତ୍ତେ ନିଜେ ବିନମ୍ରତାର ସହିତ ଜଣେ ସହଯୋଗୀ ଓ ଜଣେ ସାଧାରଣ କର୍ମୀ ପରି କାମ କରିବାକୁ ଚେଷ୍ଟା କରିବା ଉଚିତ୍ ଏବଂ ନିଜ କର୍ମୀ ଓ ଅନ୍ୟ ଲୋକ ତଥା ଅତିଥିମାନଙ୍କ ସହିତ ନିଜ ଆଚରଣ ନମ୍ର ଓ ସହଯୋଗ ପୂର୍ଣ୍ଣ ରଖନ୍ତୁ । ଚେହେରାରେ କୃତଜ୍ଞତା ଓ ବିନମ୍ରତାର ଭାବନା ପ୍ରସ୍ଫୁଟିତ ହେବା ସହିତ ଭାଷାରେ ନମ୍ରତା ଓ ଶିଷ୍ଟାଚାର ତଥା ଉତ୍ତମ ବ୍ୟବହାରର ଉଚ୍ଚତମ ସ୍ତର ବଜାୟ ରଖିବାକୁ ଚେଷ୍ଟା କରିବା ଉଚିତ୍ । ସର୍ବଦା ମନେରଖିବା ଉଚିତ୍ ଯେ, ଅତିଥି ସତ୍କାର ଏକ ମହତ୍ୱପୂର୍ଣ୍ଣ ବିଭାଗ ଅଟେ ଏବଂ ଅତିଥି ସତ୍କାର କେବଳ ଏତିକି ନୁହେଁ କି ଅତିଥିମାନଙ୍କୁ ଖାଦ୍ୟ ଖୁଆଇ ଦେବା କିମ୍ବା ଜଳ ପାନ କରାଇଦେବା କିମ୍ବା ଅଧିକରୁ ଅଧିକ ସେମାନଙ୍କ ରହିବା ଅର୍ଥାତ ବିଶ୍ରାମର ବ୍ୟବସ୍ଥା କରିଦେଲେ ସମ୍ପୂର୍ଣ୍ଣ ହୋଇଯାଇଥାଏ ବରଂ ଜଲସାର ପ୍ରତ୍ୟେକ ବିଭାଗ ଅତିଥିଙ୍କ ସତ୍କାର ପାଇଁ ଉଦ୍ଦିଷ୍ଟ, ତହାକୁ ଯେକୌଣସି ନାମ ଦିଆଯାଉନା କାହିଁକି । ଜଲସାରେ ଯେ କେହି ଯୋଗଦେଇଥାଏ, ସେ ଆମ ଅତିଥି ଏବଂ ତାଙ୍କର ସମସ୍ତ ପ୍ରକାରର ଆବଶ୍ୟକତା ନିଜ ସାମର୍ଥ୍ୟ ଅନୁଯାୟୀ ପୂରଣ କରିବା ସେ ସମସ୍ତଙ୍କର କର୍ତ୍ତବ୍ୟ ଯେ କୌଣସି ପ୍ରକାର ଡ଼ିୟୁଟିର ଭାର ବହନ କରୁଛନ୍ତି । ତାହା ପାଇଁ ହଜରତ ମସିହ ମଉଦ ଆ.ସ ନିଜ ଭାବନାର ପରିପ୍ରକାଶ କରି ଏକ ସ୍ଥାନରେ କହିଛନ୍ତି ଯାହାକି ଆମମାନଙ୍କ ପାଇଁ ମୂଳ କାର୍ଯ୍ୟ ପନ୍ଥା ଅଟେ, ହଜୁର ଆ.ସ କୁହନ୍ତି- ମୋର ସର୍ବଦା ଏଥିପ୍ରତି ଧ୍ୟାନ ରହିଥାଏ କି ଅତିଥିଙ୍କୁ ଯେପରି କୌଣସି ପ୍ରକାର କଷ୍ଟ ନପହଂଚେ ବରଂ ସେଥିପ୍ରତି ମୁଁ ସର୍ବଦା (କର୍ମୀଙ୍କୁ) ସଚେତନ କରିଥାଏ କି ଯେପର୍ଯ୍ୟନ୍ତ ସମ୍ଭବ ଅତିଥିମାନଙ୍କୁ ଆରାମ ପ୍ରଦାନ କରନ୍ତୁ । **ଆପଣ କୁହନ୍ତି ଅତିଥିମାନଙ୍କ ହୃଦୟ ଦର୍ପଣ ପରି ହୋଇଥାଏ ଏବଂ ନିମିତ ମାତ୍ର ଧକା ଲାଗିଲେ ତାହା ଭାଙ୍ଗି (ଚୁରମାର) ହୋଇଯାଇଥାଏ ।**

ହଜୁର ଅନଓ୍ୱର ଅ.ବ କହିଲେ- ଏକଥା ଆମକୁ ମନେରଖିବା ଉଚିତ୍ ଯେ ନିଜେ କଷ୍ଟ ସହ୍ୟ କରି ମଧ୍ୟ ଅତିଥିମାନଙ୍କୁ ଆରାମ ଓ ସୁବିଧା ପ୍ରଦାନ କରିବାକୁ ଚେଷ୍ଟା କରିବା ଉଚିତ୍ । ପ୍ରତ୍ୟେକ ବିଭାଗର ଅଧିକାରୀମାନଙ୍କୁ ମୁଁ କହିବାକୁ ଚାହେଁ ଯେ, ଯଦି ସେମାନଙ୍କ ବ୍ୟବହାର ନମ୍ର ଓ ଆଚରଣ ଉତ୍ତମ ଅଟେ, ସେମାନଙ୍କ ମଧ୍ୟରେ ଧୈର୍ଯ୍ୟ ଏବଂ ଅନୁଚିତ୍ କଥା ଶୁଣିବାର ସାହାସ ରହିଛି ତେବେ ସେମାନଙ୍କ ନାଏବ ଓ ସହଯୋଗୀମାନେ ମଧ୍ୟ ସେହିପରି ଅତିଥିମାନଙ୍କ ସହ ବ୍ୟବହାର ପ୍ରଦର୍ଶନ କରିବା ସହିତ ଅତିଥି ସତ୍କାରର ସୁନ୍ଦର ନମୁନା ପ୍ରଦର୍ଶନ କରିବେ । କିନ୍ତୁ ଯଦି ଅଧିକାରୀଙ୍କ ଚେହେରାରେ କଠୋରତା, କଥାରେ କୃରତା ଓ ଅନ୍ୟର କଥା ନଶୁଣିବା ଓ ସହନଶିଳତା ଅଭ୍ୟାସ ନାହିଁ ତେବେ ତାଙ୍କ ନିମ୍ନ ଅଧିକାରୀ ଓ ସହଯୋଗୀମାନେ ମଧ୍ୟ ସେହିପରି ବ୍ୟବହାର ପ୍ରଦର୍ଶନ କରିବେ । ଅତଃ ଅତିଥି ସତ୍କାରର ସର୍ବୋଚ୍ଚ ସ୍ତର ହାସଲ କରିବା ନିମନ୍ତେ ପ୍ରତ୍ୟେକ ବିଭାଗର ଅଧିକାରୀମାନଙ୍କୁ ନିଜ ଅବସ୍ଥାର ନିରୀକ୍ଷଣ କରିବା ସହିତ ବିନମ୍ରତାର ଚରମ ସୀମା ପର୍ଯ୍ୟନ୍ତ ପହଂଚିବାର ପ୍ରୟାସ କରିବା ଉଚିତ୍ ।

ହଜୁର ଅନଓ୍ୱର ଅ.ବ କହିଲେ- ଅତିଥିମାନଙ୍କ ବିଶ୍ରାମର ପ୍ରବନ୍ଧ କରୁଥିବା ସେବକମାନଙ୍କୁ ମନେରଖିବା ଉଚିତ୍ ଯେ, ସାମୁହିକ ବିଶ୍ରାମସ୍ଥଳି ଓ ତମ୍ବୁରେ ମଧ୍ୟ ମହିଳା ଓ ପିଲାମାନଙ୍କର ବିଶେଷ ଭାବରେ ଧ୍ୟାନ ରଖିବା ଉଚିତ୍ । ନିଃସନ୍ଦେହ ଆଜିକାଲି ଗ୍ରୀଷ୍ମ କାଳିନ ଦିନ ଅଟେ କିନ୍ତୁ ରାତିରେ ତାପମାତ୍ରା ହଠାତ୍ ଥଣ୍ଡା ହୋଇଯାଇଥାଏ ଏବଂ ହଦିକତୁଲ୍ ମେହଦି ଯେଉଁଠାରେ ଜଲସାର କାର୍ଯ୍ୟକ୍ରମ ହେବାକୁଯାଉଅଛି, ସେଠାରେ ଲଣ୍ଡନ ତୁଳନାରେ ୪/୫ ଡ଼ିଗ୍ରୀ ତାପମାତ୍ରା କମ୍ ରହିଥାଏ । ତେଣୁ ଯେଉଁମାନେ ନିଜ ସେଜର ବ୍ୟବସ୍ଥା କରିଆସିଥାନ୍ତି, ସେମାନଙ୍କୁ ଏକଥା ମନେରଖିବା ଉଚିତ୍ ଯେ ଭଲ କରି ନିଜ ସେଜର ପ୍ରବନ୍ଧ କରିଆସନ୍ତୁ । ଗତ ବର୍ଷର ଅନୁଭବ ରହିଛି ଯେ ଛୁଆଧରି ଆସିଥିବା ଅତିଥିମାନେ ରାତିରେ ଥଣ୍ଡା ଯୋଗୁଁ ବହୁତ କଷ୍ଟ ସହ୍ୟ କରିଥିଲେ । ସେହିପରି ଖାଦ୍ୟ ଖୁଆଉଥିବା ସେବକମାନେ ଯାହାଙ୍କ ସମ୍ପର୍କ ସିଧାସଳଖ ଭାବରେ ଅତିଥିମାନଙ୍କ ସହିତ ରହିଥାଏ, ସେମାନଙ୍କୁ ମୁଁ ସର୍ବଦା ମନେପକାଇଥାଏ ଯେ, ଖାଦ୍ୟ ବାଣ୍ଟିବା ସମୟରେ ଅତିଥିମାନଙ୍କ ପସନ୍ଦ (ଖାଦ୍ୟ) ପ୍ରତି ମଧ୍ୟ ଧ୍ୟାନ ରଖିଥିବେ । ଯଦିଓ ଏଥିରେ ଅନେକ ଦୁବିଧା ଓ

ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ କିନ୍ତୁ ଯେପର୍ଯ୍ୟନ୍ତ ସମ୍ଭବ ସମାଧାନ କରିବାକୁ ଚେଷ୍ଟା କରିବେ ଏବଂ ଯଦି କୌଣସି ଅସୁବିଧା ହୁଏ ତେବେ ଅତିଥିଙ୍କୁ ସୁନ୍ଦର ଭାବରେ ଉତ୍ତର ଦେଇ ବିଦାୟ ଦିଅନ୍ତୁ ।

ଗମନାଗମନର ମଧ୍ୟ ଏକ ବଡ଼ ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା ଅଟେ । ଏଥର ଦୂରରେ Parking ବ୍ୟବସ୍ଥା କରାଯାଇଥିବାରୁ ଅଧିକାଂଶ ଷ୍ଟାଲ୍ ବସର ବ୍ୟବସ୍ଥା କରାଯାଇଛି, ଯଦ୍ୱାରା ଲୋକମାନେ ଠିକ୍ ସମୟରେ ଜଲସାରେ ପହଂଚିପାରିବେ । କାରରେ ଆସୁଥିବା ଅତିଥିମାନଙ୍କୁ ମନେରଖିବା ଉଚିତ୍ ଯେ ସେମାନଙ୍କ Parking ଅଧିକ ଦୂରରେ ହୋଇପାରେ । ତେଣୁକରି ସମୟର ଧ୍ୟାନ ରଖି ନିଜର ଯାତ୍ରା ଆରମ୍ଭ କରିବେ । ସେହିପରି ଅନ୍ୟାନ୍ୟ ବିଭାଗ ରହିଛି ପ୍ରତ୍ୟେକଙ୍କୁ ନିଜ ନିଜର କାର୍ଯ୍ୟପଦ୍ଧତି ଓ ନିଜ କର୍ମୀମାନଙ୍କ ତରବିୟତ୍ ଅତିଥିମାନଙ୍କ ଅଧିକରୁ ଅଧିକ ସୁବିଧା ପ୍ରଦାନ କରିବା ଚିନ୍ତାଧାରାର ସହିତ କରିବା ଉଚିତ୍ । ସମାଜ ସେବା ଓ ସୁରକ୍ଷା କର୍ମୀମାନଙ୍କୁ ପୂର୍ବ ଅପେକ୍ଷା ଅଧିକ ସାବଧାନତାର ସହିତ କାମ କରିବାକୁ ହେବ । ଆଜିକାଲି ସଂସାରର ଅବସ୍ଥା ଯାହା ତାହାକୁ ଧ୍ୟାନରେ ରଖିବା ସହିତ ଅତିଥିମାନଙ୍କ ସମ୍ମାନ ଓ ଭାବନାକୁ ଧ୍ୟାନରେ ରଖି ଏସବୁ କାର୍ଯ୍ୟ ସମ୍ପାଦନ କରିବାର ଅଛି । କାଡ଼ Cheak ଠାରୁ ଆରମ୍ଭ କରି ଅନ୍ୟାନ୍ୟ Cheaking ଓ Scanning ଆଦି ପ୍ରଥମ ଦିନରୁ ଆରମ୍ଭ କରି ଅନ୍ତିମ ଦିନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ଧ୍ୟାନ ରଖିବେ ଓ ପ୍ରତ୍ୟେକ ଥର ଯେକୌଣସି ବ୍ୟକ୍ତି ବାହାରକୁ ଯାଇ ଭିତରକୁ ଆସିଲେ ତାହାର Cheaking କରିବେ କିନ୍ତୁ ଏଥିପ୍ରତି ମଧ୍ୟ ଧ୍ୟାନ ରଖିବେ ଯେ ତାଙ୍କୁ ଯେଭଳି ଏହା ଆଭାଷ ନହୁଏ କି କେବଳ ତାଙ୍କ ଉପରେ ହିଁ ନଜର ରଖାଯାଉଛି କିମ୍ବା କୌଣସି ପ୍ରକାରର ଅନୁଚିତ୍ ବ୍ୟବହାର ପ୍ରଦର୍ଶନ କରାଯାଉଛି । ଜଲସାରେ ଯୋଗଦେଉଥିବା ପ୍ରତ୍ୟେକ ବ୍ୟକ୍ତି ହଜରତ ମସିହ ମଉଦ ଆ.ସଙ୍କର ଅତିଥି ଅଟନ୍ତି । ଏହି ଦୃଷ୍ଟିରୁ ଆମେ ପ୍ରତ୍ୟେକ ଅତିଥିଙ୍କୁ ବିଶେଷ ଅତିଥି ମଣି ତାଙ୍କ ସତ୍କାର କରିବାରେ ପୂର୍ଣ୍ଣ ଚେଷ୍ଟା କରିବା ଉଚିତ୍ । ପ୍ରତ୍ୟେକ ବିଭାଗର ଅଧିକାରୀମାନଙ୍କୁ ନିଜ ବିଭାଗର ଦୋଷତ୍ରୁଟିକୁ ଦେଖିବା ନିମନ୍ତେ କିଛି ଲୋକଙ୍କୁ ମୁତୟନ ରଖିବା ଉଚିତ୍ ଯେ ନିଜ ବିଭାଗର ଦୋଷତ୍ରୁଟିର ନିରୀକ୍ଷଣ କରି ସନ୍ଧ୍ୟା ବେଳେ ନିଜ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ । ଏତତ୍ ଦ୍ୱାରା ଜଲସାର ଦିନରେ ଓ ଆସନ୍ତା ବର୍ଷ ମଧ୍ୟ (ଉକ୍ତ କାର୍ଯ୍ୟରେ)ସୁଧାର ଆସିବ । ହଜରତ ମସିହ ଉମଦ ଆ.ସ ଏଥିପ୍ରତି ଆମର ଧ୍ୟାନ ଆକର୍ଷିତ କରି ଗୋଟିଏ ସ୍ଥାନରେ କହିଛନ୍ତି- ଲଙ୍ଗରର ଅଧିକାରୀଙ୍କୁ ଅତିଥିମାନଙ୍କ ଆବଶ୍ୟକତାର ନିରୀକ୍ଷଣ କରିବା ଉଚିତ୍ କିନ୍ତୁ ଯେହେତୁ ସେ ଏକାକି ଅଟେ, ଅନେକ ଥର ଧ୍ୟାନ ରହିନଥାଏ । କେତେକ କଥା ଆଖି ସାମନାରୁ ଉଭେଇ ଯାଇଥାଏ, ତେଣୁ ଅନ୍ୟ କେହି ମନେପକାଇ ଦେବା ଉଚିତ୍ ଏବଂ ମନେପକାଇବାର ସବୁଠାରୁ ଉତ୍ତମ ମାର୍ଗ ଏହି କି ଯେ ଅଧିକାରୀ ସ୍ୱୟଂ କାହାରିକୁ ଏଥିପାଇଁ ମୁତୟନ କରିବା ଉଚିତ୍ ଯେ ନିରୀକ୍ଷଣ କରିବ କି କେଉଁଠାରେ ସୁଧାର ହେବା ବାକି ରହିଯାଉଛି । ଧନବାନ ଓ ନିର୍ଧନ ସମସ୍ତଙ୍କର ଏକ ପ୍ରକାରର ସତ୍କାର ହେବା ଉଚିତ୍ । ଏକଦା ଆପଣ କହିଲେ ଯେଉଁ ନୂତନ ଅତିଥିମାନେ ଆସିଥାନ୍ତି ଯେ କି ସମ୍ପୂର୍ଣ୍ଣ ରୂପେ ଆମ ବ୍ୟବସ୍ଥା ସହ ଅପରିଚିତ ଓ ଅଜଣା ଅଟନ୍ତି । ଯେପରି ଏଠାକୁ ଅନେକ ଦେଶରୁ ଅତିଥି ଆସିଥାନ୍ତି ସେମାନଙ୍କ ସମସ୍ତ ପ୍ରକାରର ଆବଶ୍ୟକତାକୁ ନିଜ ସମ୍ମୁଖରେ ରଖିବା ଆମର କର୍ତ୍ତବ୍ୟ । ଆପଣ କୁହନ୍ତି ଅନେକ ଥର ଦେଖିବାକୁ ମିଳିଥାଏ ଯେ ଅନେକଙ୍କୁ ଶୌଚାଳୟ କେଉଁଠାରେ ଜଣା ନଥାଏ ଯଦ୍ୱାରା ସେମାନଙ୍କୁ ବହୁତ କଷ୍ଟ ସହ୍ୟ କରିବାକୁ ପଡ଼ିଥାଏ, ସେଥିପାଇଁ ଜରୁରୀ ଅଟେ କି ଅତିଥିମାନଙ୍କ ଆବଶ୍ୟକତାର ବିଶେଷ ଧ୍ୟାନ ରଖିବା ଉଚିତ୍ । ଆପଣ କୁହନ୍ତି ଯେଉଁ ଲୋକମାନଙ୍କୁ ଏହି କାର୍ଯ୍ୟରେ ମୁତୟନ କରାଯାଇଥାଏ, ଏହା ସେମାନଙ୍କ କର୍ତ୍ତବ୍ୟ କି ସେମାନେ ଏଥିରେ କୌଣସି ପ୍ରକାର ଅଭିଯୋଗ କରିବାର ଲୋକଙ୍କୁ ସୁଯୋଗ ଦେବା କଥା ନୁହେଁ କାରଣ ଲୋକେ ସହସ୍ର କୋଷ ଦୂରରୁ ଯାତ୍ରା କରି ଶ୍ରଦ୍ଧା ଓ ନିଷ୍ଠାର ସହିତ ସତ୍ୟର ସନ୍ଧାନରେ (ଏଠାକୁ) ଆସିଥାନ୍ତି ।

ଆଉ ଏକ ସ୍ଥାନରେ ହଜରତ ମସିହ ମଉଦ ଆ.ସ କୁହନ୍ତି- ମୋ ନିୟମ ଅନୁଯାୟୀ ଯଦି କେହି ଅତିଥି ଆସନ୍ତି ଏବଂ ଖରାପ କଥା କୁହନ୍ତି ତେବେ ମଧ୍ୟ (କର୍ମୀଙ୍କୁ) ଧର୍ଯ୍ୟ ରକ୍ଷା କରିବା ଉଚିତ୍ । ଆପଣଙ୍କ ଅତିଥି ସତ୍କାରର ସ୍ତର ବର୍ଣ୍ଣନା କରି ଜଣେ ଲେଖିଲେ କି ହଜୁର ଆ.ସଙ୍କର ଅତିଥି ସତ୍କାର ହଜରତ ମହମ୍ମଦ ସ.ଆଙ୍କ ପରି ଉତ୍ତମ ଓ ଜୀବନ୍ତ ଉଦାହରଣ ଅଟେ । ଯେଉଁମାନେ ଆପଣଙ୍କ ସାଥିରେ ଅଧିକ ସମୟ ଅତିବାହିତ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ସେମାନେ ଭଲ ରୂପେ ଜାଣନ୍ତି ଯେ, ଅତିଥି ଅହେମଦି ହୁଅନ୍ତୁ ଅବା ଅଣଅହେମଦି ଯଦି ତାଙ୍କୁ ତିଳେ ମାତ୍ର କଷ୍ଟ ହୁଏ ତେବେ ହଜୁର ଆ.ସ ଅଥୟ ହୋଇପଡ଼ନ୍ତି ଏବଂ ନିଷ୍ଠାପର ଅହେମଦିମାନଙ୍କ ପାଇଁ ତ ଆପଣଙ୍କ ଆତ୍ମା ଆହୁରି ଅଧିକ ଦରଦ ଓ ପ୍ରେମ ଭରି ରହିଥିଲା । ଅତଃ ଏହି ପ୍ରକାର ଭାବନା ଆମ୍ଭକୁ ଜଲସାରେ ଯୋଗଦେଉଥିବା ଅତିଥିମାନଙ୍କ ପାଇଁ ଅଧିକରୁ ଅଧିକ ପ୍ରଦର୍ଶନ କରିବା ଉଚିତ୍ । ହଜରତ ମହମ୍ମଦ ସ.ଆ ଆମ୍ଭକୁ ଅତିଥିଙ୍କ ମହତ୍ତ୍ୱ ଓ ସମ୍ମାନ ରକ୍ଷା ସମ୍ବନ୍ଧରେ କ'ଣ ନିର୍ଦ୍ଦେଶ ଦେଇଛନ୍ତି । ଏଥିସମ୍ବନ୍ଧରେ ହଦିସରେ ଦରଜ ଅଛି ହଜୁର ସ.ଆ କୁହନ୍ତି- ଅଲ୍ଲାଃ ଓ ଅନ୍ତିମ ଦିବସ ଉପରେ ବିଶ୍ୱାସ ଆଣିବା ନିମନ୍ତେ ତିନୋଟି କାର୍ଯ୍ୟ କରିବା ଅନିର୍ବାର୍ଯ୍ୟ । **ପ୍ରଥମ** ଏହି କି ଯେ ଭଲ କଥା କୁହ ନଚେତ୍ ନିରବ ରୁହ **ଦ୍ୱିତୀୟ** ନିଜ ପଡ଼ୋସିର ଆଦର ଓ ସମ୍ମାନ କର **ତୃତୀୟ** ନିଜ ଅତିଥିଙ୍କର ସତ୍କାର କର । ସୁତରାଂ ଅତିଥି ସତ୍କାର ମଧ୍ୟ ଅଲ୍ଲାଃ ଓ ଅନ୍ତିମ ଦିବସ ଉପରେ ବିଶ୍ୱାସ ଆଣିବା ପାଇଁ ସର୍ତ୍ତ ମଧ୍ୟରୁ ଗୋଟିଏ ସର୍ତ୍ତ ଅଟେ । ଏତତ୍ ବ୍ୟତୀତ ମଧ୍ୟ ଅନେକ ସର୍ତ୍ତ ରହିଛି କିମ୍ବା ଆମେ କହିପାରିବା କି ଜଣେ ମୋମିନ୍‌ର ଉଚ୍ଚ ସ୍ତର ହାସଲ କରିବା ନିମନ୍ତେ ଅତିଥିଙ୍କ ସତ୍କାର କରିବା ସର୍ତ୍ତ ଅଟେ ।

ଅତିଥିଙ୍କ ସତ୍କାର କରିବା ବିଷୟରେ ଏହା ମଧ୍ୟ କହିରଖେ ଯେ ହଜରତ ମହମ୍ମଦ ସ.ଆ ଅତିଥିଙ୍କ ଧାର୍ମିକ ସ୍ତର ଓ ମାନସିକତାର ମଧ୍ୟ ଧ୍ୟାନ ରଖନ୍ତି । ଅତଃ ଦରଜ ଅଛି ହଜୁର ସ.ଆ ଅତିଥିଙ୍କୁ ଖାଦ୍ୟ ଖୁଆଇବା ପରେ ସୋଇବା ନିମନ୍ତେ ସେମାନଙ୍କ ଇଚ୍ଛା ମୁତାବକ ମସଜିଦ୍ ପଠାଇ ଦିଅନ୍ତି ଏବଂ ପାହାନ୍ତାରେ ଫଜର୍ ନମାଜ ପାଇଁ ଜଗାଇ ଦିଅନ୍ତି । ସେହିପରି ଜଲସାର ତରବିୟତ୍ ବିଭାଗ ଏଥିପାଇଁ ଗଠନ ହୋଇଛି କି ସେମାନେ ଅତିଥିମାନଙ୍କୁ ନମାଜ ପାଠ ନିମନ୍ତେ ଧ୍ୟାନ ଆକର୍ଷିତ କରିବେ ଏବଂ ତହଜୁଦ୍ ଓ ଫଜର୍ ପାଇଁ ଜଗାଇ ଦେବେ କିନ୍ତୁ ତାହା ମଧ୍ୟ ନମ୍ରତାର ସହିତ । ସେ ଯାହା ହେଉ ଏ କିଛି କଥା ଥିଲା ଯାହା କି ଅତିଥିମାନଙ୍କ ସଂକ୍ରାନ୍ତରେ ମୁଁ ଉପସ୍ଥାପନ କଲି, ଅଲ୍ଲାଃତାଲା ସମସ୍ତ କର୍ମୀମାନଙ୍କୁ ହଜରତ ମସିହ ମଉଦ ଆ.ସଙ୍କ ଅତିଥିମାନଙ୍କର ସୁନ୍ଦର ଭାବରେ ସେବା କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ଖୁତବାର ଶେଷରେ ହଜୁର ଅନୱର ଅ.ବ ଦୁଇ ମୃତକଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ । ପ୍ରଥମ ଶ୍ରୀମାନ ସୟଦ୍ ମହମ୍ମଦ ଅହେମଦ୍ ସାହେବ ପିତା ହଜରତ ଡ଼ାଃ ମିର୍ ମହମ୍ମଦ ଇସମାଇଲ୍ ସାହେବ ର.ଅ ଯେ ଚଳିତ ମାସ ୧୩ ତାରିଖ ଦିନ ୯୨ ବର୍ଷ ବୟସରେ ଲାହୋର ଠାରେ ଦେହ ତ୍ୟାଗ କଲେ **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ଦ୍ୱିତୀୟ ଶ୍ରୀମାନ ମହେମୁଦା ବେଗମ୍ ସାହେବ ପତ୍ନୀ ଚୌଧରୀ ମହମ୍ମଦ ସିଦ୍ଦିକ୍ ସାହେବ ଭଟିଙ୍କର ଅଟେ । ସେ ଶ୍ରୀମାନ ଅସଗର୍ ଅଲ୍ଲୀ ଭଟି ସାହେବ ମୁବଲିଗ୍ ସିଲ୍‌ସିଲା ନାଇଜେରିଆଙ୍କର ମାତା ଥିଲେ । ଚଳିତ ମାସ ୧୬ ତାରିଖ ଦିନ ୭୩ ବର୍ଷ ବୟସରେ ସେ ଦେହ ତ୍ୟାଗ କଲେ **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** ।

*ପୃଷ୍ଠା-୧ ର ଅବଶିଷ୍ଟାଂଶ.......*

ଗୋଟିଏ କୋଣରେ ପଡ଼ିଥିଲା । ପୁଣି ଥରେ ଖୁଦା ନିଜର ଭବିଷ୍ୟବାଣୀ ମୁତାବକ ଗୋଟିଏ ସଂସାରକୁ ମୋ ଆଡ଼କୁ ଫେରାଇ ଆଣିଲା ଓ ଏପରି ଲଗାତାର ଆର୍ଥିକ ସାହାଯ୍ୟ କରାଇଲା ଯେ ଯାହାକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଶବ୍ଦ ନାହିଁ । ମୋର ଯେଉଁ ଅବସ୍ଥା ଥିଲା ମୋତେ ଆଶା ନଥିଲା ଯେ ମୋ ପାଖକୁ କେବେ ଦଶଟଙ୍କା ମାସିକ ଆସିବ ବୋଲି କିନ୍ତୁ ଖୁଦାତାଲା ଯିଏ ଗରିବଙ୍କୁ ଧୂଳିରୁ ଉଠାଇଥାଏ ଓ ଗର୍ବୀଙ୍କୁ ଧୂଳିରେ ମିଶାଇଦେଇଥାଏ । ସେ ଏପରି ମୋର ସାହାଯ୍ୟ କଲେ ଯେ ମୁଁ ପୂର୍ଣ୍ଣ ବିଶ୍ୱାସରେ କହିପାରିବି ଯେ ଏ ପର୍ଯ୍ୟନ୍ତ ତିନିଲକ୍ଷ ଟଙ୍କାରୁ ଅଧିକା ମୋ ପାଖକୁ ଆସି ସାରିଛି । ଆଶାକରୁଛି ଏହାଠାରୁ ଅଧିକ ହେବ । ବର୍ଷ ବର୍ଷ ଧରି କେବଳ ଲଙ୍ଗରଖାନାରେ ମାସକୁ ଦେଢ଼ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି ଅର୍ଥାତ୍ ହାରାହାରି ହିସାବରେ । ସେହିପରି ବିଭିନ୍ନ ଖର୍ଚ୍ଚମାନ ଅର୍ଥାତ୍ ମଦର୍ସା ଇତ୍ୟାଦିରେ ପୁଣି ବହି ଛପା ହେବାର ଖର୍ଚ୍ଚ ଏହାଠାରୁ ଅଲଗା । ତେଣୁ ଦେଖିବା ଉଚିତ୍ ଯେ ଏହି ଭବିଷ୍ୟବାରୀ ଅର୍ଥାତ୍ ''ଆ ଲୈସଲ୍ଲାହୁ ବିକାଫିନ୍ ଅବ୍‌ଦୁହୁ'' କେତେ ସ୍ୱଚ୍ଛତା ଓ ବୈଭବର ସହ ପୂର୍ଣ୍ଣ ହୋଇଛି । ଏହା କଣ କୋଉ ମିଛୁଆ ବା ସଇତାନି ପ୍ରଲୋଭନର କାର୍ଯ୍ୟ ଅଟେ । କଦାପି ନୁହେଁ ବରଂ ଏହା ସେହି ଖୁଦାଙ୍କ କାର୍ଯ୍ୟ ଅଟେ, ଯାହାଙ୍କ ହାତରେ ସମ୍ମାନ (ଯଶ) ଓ ଅପଯଶ, ପତନ ଓ ପ୍ରତିଷ୍ଠା ଅଛି ଯଦି ମୋର ଏହି ବୟାନ୍‌ରେ ବିଶ୍ୱାସ କରୁନାହଁ ତେବେ ୨୦ ବର୍ଷର ସରକାରୀ ଡାକ ରେଜିଷ୍ଟର୍‌କୁ ଦେଖିନିଅ ଜଣାପଡ଼ିଯିବ ଯେ ଏହି ଅବଧିରେ କିପରି ଆମଦାନୀର ଦ୍ୱାରା ଖୋଲାଯାଇଛି । ଯଦ୍ୟପି ଆମଦାନୀ କେବଳ ଡାକ ଦ୍ୱାରା ସିମୀତ ନଥିଲା ବରଂ ଲୋକେ ହଜାର ହଜାର ଟଙ୍କା ନିଜେ କାଦିଆନ୍ ଆସି ଦେଇଯାଉଛନ୍ତି ତତ୍‌ସହିତ ଲଫାଫା ଭିତରେ ନୋଟ୍ ମଧ୍ୟ ପଠାଉଛନ୍ତି ।

**(ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୧୯-୨୨୧)**

---

*ପୃଷ୍ଠା-୧୧ ର ଅବଶିଷ୍ଟାଂଶ.......*

ଆପଣଙ୍କର ଏଠାକୁ ଆସିବା ଆମପାଇଁ ସମ୍ମାନର ବିଷୟ । ସେ କହିଲେ ଆମର ଏହି ସହରରେ ଧର୍ମ ବିଷୟରେ ତର୍କ ବହୁତ ହୁଏ । କାରଣ ଏହି ସହରରେ ୟୁନିଭର୍‌ସିଟି ଅଛି ।...ମୁଁ ଅତ୍ୟନ୍ତ ଧନ୍ୟବାଦ ଜଣାଉଛି ଯେ ଆପଣମାନେ ଏହି ସହରକୁ ମସ୍‌ଜିଦ୍ ନିର୍ମାଣ କରିବାପାଇଁ ଚୟନ କରିଛନ୍ତି । କାରଣ ମସ୍‌ଜିଦ୍ ଖୁଦାତାଲାଙ୍କର ଘର ଅଟେ । ଶାନ୍ତି ଓ ପ୍ରେମର ପ୍ରତୀକ ଅଟେ । ଏହି ଘରେ ମନୁଷ୍ୟକୁ ଧର୍ମକୁ ବୁଝିବା ପାଇଁ ଶିକ୍ଷା ଦିଆଯାଏ । ପ୍ରତ୍ୟେକ ଲୋକ ନିଜ ନିଜ ଶୈଳୀ ମୁତାବକ ଶାନ୍ତି ହାସଲ କରିଥାନ୍ତି । ସେଥିଯୋଗୁଁ ଆମେ ସମସ୍ତେ ତା ମୁତାବକ ଏଠାରେ ବାସ କରୁଛେ ଏବଂ ଆଗକୁ ଆଗକୁ ବଢ଼ି ଚାଲିଛେ ।.... ମୁଁ ଆଶା କରୁଛି ଯେ ଆପଣଙ୍କର ଏ ମସ୍‌ଜିଦ୍ ନିର୍ମାଣ ସଫଳତାର ସହିତ ପୂର୍ଣ୍ଣ ହେଉ ।

**ପ୍ରାଦେଶିକ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ମିସେସ୍ କ୍ରିଷ୍ଟେନ୍ ଙ୍କ ଅଭିଭାଷଣ**

ମହାମହିମ ଖଲିଫତୁଲ୍ ମସିହ ! ମୁଁ ଆପଣ ସମସ୍ତଙ୍କୁ ଏଠାରେ ଧନ୍ୟବାଦ ଜଣାଉଛି ଯେ ମୋତେ ଆପଣମାନେ ଏଠାକୁ ନିମନ୍ତ୍ରଣ କରିଛନ୍ତି । ଆଜିର ଦିନଟି ଏଥିପାଇଁ ବିଶେଷ ଦିନ ଅଟେ । କାରଣ ଏଠାରେ ଖୁଦାତାଲାଙ୍କର ଗୋଟିଏ ଘର ନିର୍ମାଣ ହେଉଅଛି ।.....ଏହା ଜରୁରୀ ଅଟେ ଯେ ସମସ୍ତ ଧର୍ମ ଓ ଜାତିର ଲୋକମାନେ ଏଠାରେ ମିଳିମିଶି ରୁହନ୍ତୁ ।

**ନ୍ୟାସିନାଲ୍ ପାର୍ଲିଆମେଂଟ୍‌ର ମେମ୍ବର୍**
**ମିଷ୍ଟର୍ ସୋରନ୍ ବାର୍‌ଟୋଲ୍‌ଙ୍କ ଭାଷଣ**

ମିଷ୍ଟର୍ ବାର୍‌ଟୋଲ୍‌ଙ୍କ ବିଭିନ୍ନ କମିଟିର ସ୍ପିକର୍ ମଧ୍ୟ ଅଛନ୍ତି । ସେ ନିଜର ଭାଷଣରେ କହିଲେ ମହାମହିମ ଖଲିଫତୁଲ୍ ମସିହି ମୁଁ ଏଠାରେ ଉପସ୍ଥିତ ହେବା ଯୋଗୁଁ ବହୁତ ଆନନ୍ଦିତ । ଆପଣମାନେ ଏଠାରେ ସବୁବେଳ ପାଇଁ ରହିବେ ବୋଲି ମସ୍‌ଜିଦ୍ ନିର୍ମାଣ କରୁଛନ୍ତି । ଯମାତ୍ ଅହେମଦୀୟାର ଲୋକମାନେ ଆମ ସହରର ହିତକାରୀ ବାସିନ୍ଦା ଅଟନ୍ତି । ଆପଣମାନେ କଠୋରପନ୍ଥୀ ବିରୋଦ୍ଧରେ ସ୍ୱର ଉତୋଳନ କରୁଛନ୍ତି । ସହରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଭାଗ ନେଉଛନ୍ତି ।....ସେ କହିଲେ ଯେ ଏହି ମସ୍‌ଜିଦ୍‌ଟି ପ୍ରତ୍ୟେକ ମନୁଷ୍ୟଙ୍କ ପାଇଁ ଗୋଟିଏ ଉନ୍ମୁକ୍ତ ଉପାସନା ପୀଠ ହେବ । ମୁଁ ଆଶା କରୁଛି ଯେ ଏଠାରୁ ଶାନ୍ତି ପ୍ରସାର ହେବ । ମୁଁ କାମନା କରୁଛି ଯେ ଏହି ମସ୍‌ଜିଦ୍‌ର ନିର୍ମାଣ ଖୁବ୍‌ଶିଘ୍ର ଶେଷ ହୋଇଯାଉ । ଫଳତଃ ଆମେ ସମସ୍ତେ ଏହାର ଉଦ୍‌ଗାଟନୀ ଉତ୍ସବରେ ସାମିଲ୍ ହୋଇପାରିବା । କ୍ରମଶଃ....

**(ବ ହୱାଲା ଅଖ୍‌ବାର୍ ବଦର୍**
**୧୮, ୨୫ ମଇ ୨୦୧୭)**

---

## ଯମାତର ଖିଦ୍‌ମତ୍ (ସେବା) କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଧ୍ୟାନ ଦିଅନ୍ତୁ !

ସଦର ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍‌ର କେତେଗୁଡିଏ ଦଫତର୍‌ରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଆବଶ୍ୟକ ଅଛି । ଯେଉଁ ବନ୍ଧୁମାନେ ସଦର ଅଞ୍ଜୁମାନ୍ ଅହେମଦୀୟାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ ଖିଦ୍‌ମତ୍ କରିବା ପାଇଁ ଇଚ୍ଛୁକ ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ କରିପାରିବେ ।

(୧) ଇଚ୍ଛୁକ ପ୍ରାର୍ଥୀଙ୍କ ପାଇଁ ଶିକ୍ଷାର କୌଣସି ସର୍ତ ନାହିଁ ।

(୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହୋଇଥିବ । ଜନ୍ମ ପ୍ରମାଣପତ୍ର ଉପସ୍ଥାପନ କରିବା ଜରୁରୀ ଅଟେ ।

(୩) ସେହି ପ୍ରାର୍ଥୀମାନଙ୍କୁ ଖିଦ୍‌ମତ୍ ପାଇଁ ଚୟନ କରାଯିବ ଯେଉଁମାନେ କର୍ମଚାରୀ ନିଯୁକ୍ତ ବୋର୍ଡ଼ ଦ୍ୱାରା ଇଂଟର୍‌ଭିଉରେ କୃତକାର୍ଯ୍ୟ ହେବେ ।

(୪) ସେହି ପ୍ରାର୍ଥୀ ଖିଦ୍‌ମତ୍ କରିବା ପାଇଁ ଚୟନ ହେବେ ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡ଼ିକାଲ୍ ବୋର୍ଡ଼ ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ନିରୋଗୀ ହୋଇଥିବେ ।

(୫) କାଦିଆନ୍ ଯିବା ଆସିବାର ରାସ୍ତା ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(୬) ଯଦି କୌଣସି ପ୍ରାର୍ଥୀଙ୍କ ଚୟନ ହୁଏ ଏହି ପରିସ୍ଥିତିରେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ସମ୍ପୃକ୍ତ ଦରଖାସ୍ତ ଫର୍ମ ଦିୱାନ୍ ସଦର୍ ଅଞ୍ଜୁମାନ୍ ଅହେମଦୀୟାଙ୍କ ଠାରୁ ପ୍ରାପ୍ତ କରିପାରିବେ । ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତ ଆସିବ ତା ଉପରେ ଚିନ୍ତା କରାଯିବ)

(ନାଜର୍ ଦିୱାନ୍ ସଦର୍ ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍)

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରିପାରିବେ:-**

ଦଫ୍‌ତର୍ : ୦୧୮୭୨-୫୦୧୧୩୦

ମୋବାଇଲ୍ : ୦୯୮୧୫୪୩୩୭୬୦

e-mail : nazaratdiwanqdn@gmail.com

## ବାପା ମା'ଙ୍କ ନିମନ୍ତେ କର୍ତବ୍ୟ

ୱ କଜା ରବ୍‌ବୁକା ଅଲ୍ଲାଃ ତାଆବୁଦୁ ଇଲ୍ଲା ଇୟାହୁ ୱବିଲ୍ ୱାଲିଦୈନେ ଇହ୍‌ସାନା । ଇମ୍ମା ୟବ୍‌ଲୁଗନ୍ନା ଇନ୍‌ଦକଲ୍ କିବର ଅହଦୁହୁମା ଅଓ କିଲାହୁମା ଫଲା ତକୁଲ୍‌ଲ୍ଲହୁମା ଉଫିଉଁ ୱଲା ତନ୍‌ହର୍‌ହୁମା ୱକୁଲ୍‌ଲ୍ଲହୁମା କୱଲନ୍ କରିମା । ୱଖ୍‌ଫିଜ୍ ଲହୁମା ଯନାହଜ୍ ଜୁଲ୍ଲେ ମିନର୍‌ରହ୍‌ମତେ ୱକୁର୍ ରବ୍‌ବିର୍ ହମ୍‌ହୁମା କମା ରବ୍‌ବୟାନି ସଗିରା ।

**(ପବିତ୍ର କୋରାନ୍ ସୁରା ବନି ଇସ୍‌ରାଇଲ୍: ଆୟାତ:୨୪-୨୫)**

ଅର୍ଥାତ୍- ତୁମ୍ଭ ପାଳନକର୍ତା (ଏ ବିଷୟରେ) ଚେତାବନୀ ପୂର୍ବକ ଆଦେଶ ଦେଇଛନ୍ତି ଯେ ତୁମେମାନେ ତାହାଙ୍କ ବ୍ୟତୀତ କାହାରି ଉପାସନା କରନାହିଁ, ଏବଂ ପିତାମାତାଙ୍କ ସହିତ ଉତମ ବ୍ୟବହାର କର; ଯଦି ତୁମ ଜୀବିତ ଅବସ୍ଥାରେ ସେ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ବା ଉଭୟଙ୍କର ବାର୍ଦ୍ଧକ୍ୟ ଆସିଯାଏ, ତେବେ ସେମାନଙ୍କ ପ୍ରତି (ସେମାନଙ୍କ କୌଣସି କଥାରେ ଅସନ୍ତୋଷ ପ୍ରକାଶ କରି) କୌଣସି କଟୁ ମନ୍ତବ୍ୟ ପ୍ରକାଶ କର ନାହିଁ କି ସେମାନଙ୍କୁ ଭର୍ତ୍ସନା କରନାହିଁ ଓ ସେମାନଙ୍କ ସହ (ସର୍ବଦା) କୋମଳ ବଚନରେ କଥାବାର୍ତା କର । ଏବଂ ଦୟାପରବଶ ହୋଇ ସେମାନଙ୍କ ସମ୍ମୁଖରେ ବିନୀତ ମନୋଭାବ ପୋଷଣ କର, ଏବଂ (ସେମାନଙ୍କ ପାଇଁ ପ୍ରାର୍ଥନା-ପୂର୍ବକ) କୁହ, ''ହେ ମୋର ପାଳନ କର୍ତା,! ସେମାନଙ୍କ ପ୍ରତି କରୁଣା ପ୍ରଦାନ କର,କାରଣ ସେମାନେ ମୋର ଶୈଶବ ଅବସ୍ଥାରେ ଲାଳନ ପାଳନ କରିଥିଲେ'' ।

## ପୁରସ୍କାର ମୂଳକ ପ୍ରବନ୍ଧ ପ୍ରତିଯୋଗିତା

**ନଜାରତ୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍**

**୨୦୧୭ ବର୍ଷ ନିମନ୍ତେ**

ହିନ୍ଦୁସ୍ତାନର ଅହେମଦୀ ଲୋକମାନେ ପୁରୁଷ ଓ ସ୍ତ୍ରୀ, ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ପ୍ରବନ୍ଧ ଲେଖିବାର କ୍ଷମତାକୁ ବିକାଶ କରିବା ପାଇଁ ଏବଂ ସେମାନଙ୍କ ଭିତରେ ଲୁଚି ରହିଥିବା ଗୁଣକୁ ଉଜାଗର କରିବା ପାଇଁ ପ୍ରତ୍ୟେକ ବର୍ଷ ନଜାରତ୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ଆନୁକୂଲ୍ୟରେ ପୁରସ୍କାର ମୂଳକ ପ୍ରବନ୍ଧ ପ୍ରତିଯୋଗିତା କରାଯାଉଛି । ଏବର୍ଷ ପୁରସ୍କାର ମୂଳକ ପ୍ରବନ୍ଧ ନିମନ୍ତେ ନିମ୍ନରେ ଦିଆଯାଇଥିବା ବିଷୟକୁ ଧାର୍ଯ୍ୟ କରାଯାଇଛି ।

**ବିଷୟବସ୍ତୁ :- କୁରାନ୍ କରିମ୍ ହସ୍ତିବାରି ତାଲା କା ଏକ ଅଜିମୁସ୍‌ଶାନ୍ ସବୁତ୍**

The Holy Qur'an is the greatest proof of existance of God.

*ପ୍ରବନ୍ଧ ଲେଖିବାର ସର୍ତାବଳୀ :-*

➔ପ୍ରବନ୍ଧଟି ଅତି କମ୍‌ରେ ୫୦୦୦ ଶବ୍ଦ ବିଶିଷ୍ଟ ହୋଇଥିବ ।

(ଏହି ଶବ୍ଦଗୁଡିକ ପ୍ରବନ୍ଧ ଲେଖକଙ୍କର ନିଜର ହୋଇଥିବ । ହୱାଲା (ପ୍ରସଙ୍ଗ)ଗୁଡିକ ଯାହା Quote କରାଯିବ ତାହା ଏତତ୍‌ବ୍ୟତୀତ ହେବ)

➔ପ୍ରବନ୍ଧଟି ଉର୍ଦ୍ଧୁ, ଇଂରାଜୀ ଓ ହିନ୍ଦି ଭାଷା ମଧ୍ୟରୁ କୌଣସି ଗୋଟିଏ ଭାଷାରେ ଲେଖାଯାଇପାରିବ ।

➔ପ୍ରବନ୍ଧ ସୁନ୍ଦର ଅକ୍ଷରରେ ଏବଂ ପୃଷ୍ଠାର ୨/୩ ଭାଗରେ ଲେଖାହୋଇଥିବ । କାଗଜର ପଛପଟେ ଲେଖାହୋଇନଥିବ ।

➔ପ୍ରବନ୍ଧରେ ଲାଲ୍ କାଳିର ବ୍ୟବହାର ହୋଇନଥିବ ।

➔ଏହି ପ୍ରବନ୍ଧରେ ଭାଗନେବା ପାଇଁ ବୟସର କୌଣସି ସୀମା ନାହିଁ ।

➔ପ୍ରବନ୍ଧର ହୱାଲା ଗୁଡିକ ପ୍ରମାଣିତ ଓ ସମ୍ପୂର୍ଣ୍ଣ ହୋଇଥିବ । ଖବରକାଗଜର କଟିଙ୍ଗ୍ ଯୋଡ଼ାହୋଇଥିଲେ ଅଧିକ ଉତମ ହେବ ।

➔ପ୍ରବନ୍ଧ ଲେଖକଙ୍କୁ ନଜାରତ୍ ତାଲିମ୍‌ରେ ନିଜର ପ୍ରବନ୍ଧ ଜମା କରିବା ପରେ ତାଙ୍କୁ ପୁନର୍ବାର ମାଗିନେବାର ଅଧିକାର ରହିବ ନାହିଁ ।

➔ପ୍ରବନ୍ଧ ଲେଖକ ପାଇଁ ଏହା ଜରୁରୀ ଅଟେ ଯେ ପ୍ରଥମ ପୃଷ୍ଠା ଉପରେ ପ୍ରବନ୍ଧ ଲେଖକ ନିଜର ନାମ, ସମ୍ପୂର୍ଣ୍ଣ ଠିକଣା, ଫୋନ୍ ନଂ ଓ ଇ-ମେଲ୍ ଆଇ.ଡି. ଦରଜା କରିବେ ।

➔ପ୍ରବନ୍ଧ ଲେଖକଙ୍କର ସବୁ ପ୍ରକାର ଅଧିକାର ନଜାରତ୍ ତାଲିମ୍‌ଙ୍କ ହକ୍‌ରେ ସୁରକ୍ଷିତ ରହିବ । କୌଣସି ପ୍ରବନ୍ଧ ଲେଖକଙ୍କୁ ନିଜ ତରଫରୁ ପ୍ରବନ୍ଧକୁ ପ୍ରକାଶ କରିବା ପାଇଁ ଅନୁମତି ଦିଆଯିବନାହିଁ ।

➔ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ବ୍ୟକ୍ତିଙ୍କୁ କ୍ରମାନୁସାରେ ୫୦୦୦/-, ୪୦୦୦/- ଓ ୩୦୦୦/- ଟଙ୍କା ନଗଦ ପୁରସ୍କାର ଦିଆଯିବ ।

➔ପ୍ରବନ୍ଧଟି ୩୦-ନଭେମ୍ବର୍-୨୦୧୭ ଭିତରେ ଡାକ ଜରିଆରେ ବା ହାତଦ୍ୱାରା ନଜାରତ୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ନିକଟରେ ପହଂଚିବା ଆବଶ୍ୟକ ।

ନାଜର୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ।

⌘⌘⌘⌘⌘⌘⌘⌘⌘⌘⌘⌘

b b b b b b b b b b b b b

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖିବାର୍ ଅଲ୍‌ଫଜଲ୍ ଇଂଟରନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବରକତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**

**୧୮୦୦ ୩୦୧୦ ୨୧୩୧**

(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in

ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......

ଏହି ଅବସରରେ ମୋବାରକ୍‌ବାଦ୍ ପ୍ରଦାନ କରୁଛି । ଏହା ଯମାତ୍ ଅହେମଦୀୟା ପାଇଁ ଯେତିକି ଖୁସିର ଅବସର ସେତିକି ଖୁସି ଏହି ସହର ପାଇଁ ମଧ୍ୟ ଅଟେ । ପୁଣି ମେୟର୍ ସାହେବ୍ କହିଲେ ୧୯୮୭ ମସିହାରେ ଯମାତ୍ ଅହେମଦୀୟାର ପ୍ରଥମ ସଦସ୍ୟ ଏହି ସହରର ବାସିନ୍ଦା ହେଲେ । ଆପଣଙ୍କ ଯମାତ୍‌ର ଲୋକେ ଆରମ୍ଭରୁ ବହୁତ କର୍ମଠ ଓ ସହରପାଇଁ ହିତକାରୀ ଅଟନ୍ତି । ଅହେମଦୀମାନେ ଏଠାରେ ସର୍ବଦା ଶାନ୍ତି ଓ ପ୍ରେମକୁ ପ୍ରସାର କରି ଚାଲିଛନ୍ତି । ଆପଣମାନେ ଏଠାରେ ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ହକ୍‌ଦାର୍ ଅଟନ୍ତି । ଏହି ସହରରେ ବିଭିନ୍ନ ଧର୍ମ ଓ ବିଭିନ୍ନ ସମ୍ପ୍ରଦାୟ ଓ ବିଭିନ୍ନ ସଂସ୍କୃତିର ଲୋକେ ଆପୋଷରେ ମିଳିମିଶି ରୁହନ୍ତି । ଯମାତ୍ ଅହେମଦୀୟାର ଲୋକମାନେ ଏଠାରେ ପ୍ରେମ, ଶାନ୍ତି ସ୍ଥାପନ କରିବା ସହିତ ସହରର ଉନ୍ନତିମୂଳକ କାର୍ଯ୍ୟ କରି ଚାଲିଛନ୍ତି । ଶେଷରେ ମେୟର୍ ସାହେବ୍ କହିଲେ ଯେ ମୋର ଆନ୍ତରିକ ଇଚ୍ଛା ହେଉଛି ଆପଣମାନଙ୍କର ଏହି ମସ୍‌ଜିଦ୍‌ର ନିର୍ମାଣ ପ୍ରୋଜେକ୍ଟ ସଫଳ ହେଉ ।

## ପ୍ରାଦେଶିକ ମେୟର୍ ଅଫ୍ ପାର୍ଲିଆମେଂଟ୍‌ଙ୍କ ଭାଷଣ

ମେୟର୍ ସାହେବ୍‌ଙ୍କ ଭାଷଣ ପରେ ପ୍ରାଦେଶିକ ମେୟର୍ ଅଫ୍ ପାର୍ଲିଆମେଂଟ୍ ମିସେସ୍ ସାବିନେ ସ୍କଲ୍ ସାହିବା ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ ମହାମହିମ ଖଲିଫତୁଲ୍ ମସିହ ! ମୁଁ ସର୍ବପ୍ରଥମେ ସି.ଡ଼ି.ୟୁ ପାର୍ଟି ତରଫରୁ ମସ୍‌ଜିଦ୍‌ର ମୂଳଦୁଆ ପକାଇବା ପାଇଁ ଶୁଭେଚ୍ଛା ଜଣାଉଛି । ତେଣୁ ସମସ୍ତ ଅତିଥିମାନଙ୍କ ଗୋଚରରେ ସଲାମ୍ ପ୍ରେରଣ କରୁଛି । ଯମାତ୍ ଅହେମଦୀୟାର କାର୍ଯ୍ୟଗୁଡ଼ିକ ବହୁତ ଉତମ ଅଟେ । ଉଦାହରଣ ସ୍ୱରୂପ ଜାନୁଆରୀ ୧ ତାରିଖ ଦିନ ୱକାର ଅମଲ୍ ଜରିଆରେ ସହରର ସଫାଇ କର୍ଯ୍ୟକ୍ରମ କରିବା ଇତ୍ୟାଦି । ଆପଣମାନେ ବିଭିନ୍ନ ପ୍ରୋଗ୍ରାମ ମାନ କରୁଛନ୍ତି । ସେ କହିଲେ ଆଜି ମୋ ପାଇଁ ବହୁତ ସମ୍ମାନର ବିଷୟ ଯେ ମୋତେ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ କରିବାର ମୌକା ମିଳିଲା । ଏବଂ ଆମେ ସମସ୍ତେ ଆଜି ହଜୁର୍‌ଙ୍କ ସହିତ ସମୟ ବିତାଉଛେ । ଆଜିର ଦିନଟି ବିଶେଷ ରୂପେ ରୋନ୍‌ହାଏମ୍ ସହରର ମେମ୍ବର୍‌ମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଖୁସିର ଦିନ ଅଟେ । ଏଠାରେ ଏପରି ଏକ ଘର ତିଆରି କରାଯାଉଛି ଯାହା ଖୁଦାତାଲାଙ୍କ ପାଇଁ ତିଆରି ହେଉଅଛି ।... ସେ କହିଲେ ଯେ ଅହେମଦୀ ଲୋକମାନେ ଏଠାରେ ବହୁତ ଭଲ ଅଧିବାସୀ ଅଟନ୍ତି । ଏବଂ ବିଗତ ୩୦ ବର୍ଷ ହେବ ଆମ ସହିତ ମିଳିମିଶି କାର୍ଯ୍ୟ କରୁଛନ୍ତି । ସହରର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରୋଗ୍ରାମ୍ ଅନୁଷ୍ଠିତ କରୁଛନ୍ତି । ମୁଁ ଏହି ମସ୍‌ଜିଦ୍‌ର ନିର୍ମାଣ ନିମନ୍ତେ ଆପଣମାନଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ମୋର ଆନ୍ତରିକ ଇଚ୍ଛା ଏହା ଯେ ଏହି ମସ୍‌ଜିଦ୍‌ରୁ ଶାନ୍ତି ପ୍ରସାର ହେବ ଓ ଆପଣମାନେ ସର୍ବଦା ଶାନ୍ତି ପ୍ରତିଷ୍ଠାର କାର୍ଯ୍ୟ କରିଚାଲନ୍ତୁ ।

## ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ବକ୍ତବ୍ୟ

(ଏହାପରେ ସଂଧ୍ୟା ୬:୨୭ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଭାଷଣ ପ୍ରଦାନ କଲେ ।) ହଜୁର୍ ଅନୁଓ୍ୱର୍ ଅ:ବ:ଅ ତସହୁଦ୍, ତଉଜ ଏବଂ ତସମିଆ ପାଠ କରିବା ପରେ କହିଲେ ସମସ୍ତ ସମ୍ମାନୀୟ ଅତିଥିଗଣ ଅସ୍‌ସଲାମେ ଆଲୈକୁମ୍ ୱ ରହ୍‌ମତୁଲାହେ ୱ ବରକାତୁହୁ ! ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଶାନ୍ତି ପ୍ରଦାନ କରନ୍ତୁ । ବିଶେଷ କରି ବର୍ତମାନ ସମୟରେ ଏ ସଂସାରରେ ଯାହା ହେଉଅଛି ଏଥିରେ କେବଳ ଧାର୍ମିକ ଅନୁଷ୍ଠାନ ଓ କଠୋରପନ୍ଥୀ ମୁସଲମାନ ତନଜିମ୍‌ଙ୍କ ନିକଟରୁ କେବଳ ବିପଦ ଆସୁନାହିଁ ବରଂ ଏବେ ଦୁନିଆରେ ଯେଉଁ ନୁଆ ଉନ୍ନତିମାନ ହେଉଅଛି ଓ ଦେଶ ଦେଶ ଓ ସରକାର ସରକାର ମଧ୍ୟରେ ଯେଉଁ ଶତୃତା ବଢ଼ି ଚାଲିଛି ସେଥିଯୋଗୁ ବହୁତ ବଡ଼ ବିପଦ ଘନେଇ ଆସୁଛି । ୟୁରୋପ୍‌ରେ କୋରିଆର ଇଲାକାରେ ପଶ୍ଚିମ ଦେଶଗୁଡ଼ିକରେ ମଧ୍ୟ ଓ ଆମେରିକାରେ ମଧ୍ୟ ଯୁଦ୍ଧ ହୋଇପାରେ ସେଥିଯୋଗୁଁ ଆମ ସମସ୍ତଙ୍କୁ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଚେଷ୍ଟା କରିବା ଆବଶ୍ୟକ ଏବଂ ତା ପାଇଁ ଦୁଆ ମଧ୍ୟ କରିବା ଉଚିତ୍ । ସେଇଥିପାଇଁ ମୁଁ ସର୍ବପ୍ରଥମେ ଆପଣମାନଙ୍କୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତା ଦେଲି । ଫଳତଃ ପ୍ରତ୍ୟେକ ବ୍ୟକ୍ତି ଯିଏ ମାନବ ଜାତି ସହିତ ପ୍ରେମ କରୁଥିବ ସେ ଏହି କଥାକୁ ବୁଝିଯିବ । ଏବଂ ଅମନ ଓ ଶାନ୍ତିର ପ୍ରସାର ପାଇଁ ଚେଷ୍ଟା କରିବ ।

ରାଜନୈତିଜ୍ଞ ଲୋକମାନେ ନିଜ ସରକାରକୁ ବୁଝାଇବା ପାଇଁ ଚେଷ୍ଟା କରନ୍ତୁ ଯେ ଯୁଦ୍ଧ କରିବା ପରିବର୍ତେ ଶାନ୍ତି ଓ ପ୍ରେମ ପ୍ରସାର କରିବା ପାଇଁ ଆମ ସମସ୍ତଙ୍କୁ ଅଧିକରୁ ଅଧିକ ଚେଷ୍ଟା କରିବା ଉଚିତ୍ । ସୁଲାହା ଓ ଭାତୃଭାବକୁ ପ୍ରସାର କରିବା ନିମନ୍ତେ ଆମ ସମସ୍ତଙ୍କୁ ଅଧିକରୁ ଅଧିକ ଚେଷ୍ଟା କରିବା ଦରକାର ।

ଇସ୍‌ଲାମ୍‌ର ଅର୍ଥ ହେଉଛି ଅମନ ଏବଂ ଶାନ୍ତି । ଦୁର୍ଭାଗ୍ୟ ବସତଃ କେତେକ ଗୋଷ୍ଠୀ, କେତେକ କଠୋରପନ୍ଥୀ ତନଜିମ୍ ଇସ୍‌ଲାମ୍‌ର ନାମକୁ ବଦ୍‌ନାମ୍ କରିଦେଇଛନ୍ତି ଏବଂ ଇସ୍‌ଲାମୀୟ ଦେଶଗୁଡ଼ିକରେ ମଧ୍ୟ ଏହି କାରଣ ଯୋଗୁଁ ହାଣକାଟ ଲାଗି ରହିଛି । ସରକାର ଓ ସାଧାରଣ ବ୍ୟକ୍ତିମାନଙ୍କ ମଧ୍ୟରେ ମଧ୍ୟ ଏବଂ କଠୋରପନ୍ଥୀ ଦଳମାନଙ୍କ ମଧ୍ୟରେ ମଧ୍ୟ ଯୁଦ୍ଧ ଜାରି ରହିଛି । ସେହିପରି କିଛି ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହିଭଳି ଅଶାନ୍ତି ଲାଗି ରହିଛି । ଜର୍ମାନୀରେ ମଧ୍ୟ କିଛି ଘଟଣା ଘଟିଛି । ଫ୍ରାନ୍‌ସ ଓ ବେଲ୍‌ଜିୟମ୍‌ରେ ମଧ୍ୟ ଘଟଣାମାନ ଘଟିଚାଲିଛି । ଫଳତଃ ଅଣମୁସଲମାନ୍ ଦେଶଗୁଡ଼ିକରେ ଇସ୍‌ଲାମ୍ ପ୍ରତି ଭୁଲ୍ ଧାରଣା ଜନ୍ମ ହୋଇଗଲାଣି । ଏହି କାରଣ ଗୁଡ଼ିକ ଯୋଗୁଁ ଇସ୍‌ଲାମ୍‌ର ବାସ୍ତବିକ ରୂପକୁ ଲୋକେ ଜାଣିପାରୁନାହାଁନ୍ତି । ହୋଇପାରେ ଆପଣମାନଙ୍କ ମଧ୍ୟରେ କିଛି ଲୋକ ଏଠାରେ ବସିଥିବେ ସେମାନେ ଭାବୁଥିବେ ଯେ ଇସ୍‌ଲାମ୍ ଏକ କଠୋରପନ୍ଥୀ ଧର୍ମବୋଲି ଓ ଏଠାରେ ଯେଉଁ ମସ୍‌ଜିଦ୍ ତିଆରି ଚାଲିଛି ତା ଠାରୁ ସୁରକ୍ଷା ପାଇବା ପାଇଁ ମଧ୍ୟ ଚିନ୍ତା କରୁଥିବେ । କିନ୍ତୁ ମୋତେ ବହୁତ ଖୁସି ଲାଗିଲା ଯେ ଏଠାରେ ଆସି ଭାଷଣ ଦେଉଥିବା ବକ୍ତାମାନେ ଏ କଥା ସ୍ପଷ୍ଟ କରିଲେ ଯେ ଯମାତ୍ ଅହେମଦୀୟାର ସଦସ୍ୟ ଏଠିକାର ସୋସାଇଟି ଉପରେ ବହୁତ ଭଲ ପ୍ରଭାବ ପକାଇଛନ୍ତି । ଓ ଅହେମଦୀମାନେ ଅମନ, ପ୍ରେମ, ଶାନ୍ତି ଓ ଭାଇଚରା ପ୍ରସାର କରୁଛନ୍ତି । ଏହା ହେଉଛି ବାସ୍ତବିକ୍ ଇସ୍‌ଲାମ୍ । ମସ୍‌ଜିଦ୍ ନିର୍ମାଣ ପରେ ଏହାର ନମୁନା ଆହୁରି ଅଧିକ ଉତମ ରୂପେ ଉପସ୍ଥାପନ ହେବ । ଯେବେ ଏଠାରେ ମସ୍‌ଜିଦ୍ ତିଆରି ହୋଇଯିବ ତେବେ ଜଣାପଡ଼ିବ ଯେ ମସ୍‌ଜିଦ୍‌ର ମିନାରାରୁ ଘୃଣାର ସନ୍ଦେସ ନୁହେଁ ବରଂ ପ୍ରେମ ଓ ସୌହାର୍ଦ୍ଦ୍ୟର ଆଓ୍ୱାଜ୍ ଆସିବ । ପ୍ରେମ ଓ ଶାନ୍ତିର ନାରା ଲାଗିବ ।

ହଜ୍‌ରତ୍ ଇବ୍ରାହିମ୍ ଆଲେସାଲାମ୍ ଆ:ସ ଯେଉଁ ପବିତ୍ର ଆୟତକୁ ପାଠ କରିଥିଲେ ସେ ବିଷୟରେ ମଧ୍ୟ ଆମ ଅମୀର ସାହେବ ଚର୍ଚ୍ଚା କରିଚାଲିଛନ୍ତି । ସେହି ନମୁନାରେ ଆମର ମସ୍‌ଜିଦ୍ ନିର୍ମାଣ ହେଉଅଛି । ଯଦ୍ୱାରା ଏକ୍ ଖୁଦାର ଉପାସନା ହୋଇପାରିବ । ସେ ଯେଉଁ ପ୍ରାର୍ଥନା କରିଥିଲେ ଏ ସ୍ଥାନକୁ ଶାନ୍ତିର ପୀଠ ବନାଇବା ପାଇଁ ସେହିପରି ଆମର ଏ ମସ୍‌ଜିଦ୍ ମଧ୍ୟ ପ୍ରତିଷ୍ଠା ହେଉଅଛି । ଏହି ମସ୍‌ଜିଦ୍‌ର ଲକ୍ଷ୍ୟ ଉଦ୍ଦେଶ୍ୟ ଏହା ହିଁ ଅଟେ ।

ମେୟର୍ ସାହେବଙ୍କର ମୁଁ ଧନ୍ୟବାଦ ଜଣାଉଛି ସେ ପଡ଼ୋଶୀଙ୍କ ହକ୍ ପ୍ରଦାନ ବିଷୟରେ କଥା କହିଲେ ଯେ ଅହେମଦୀମାନେ ପଡ଼ୋଶୀ ମାନଙ୍କ ହକ୍‌କୁ ପ୍ରଦାନ କରୁଛନ୍ତି । ଆପୋଷରେ ସୁସମ୍ପର୍କ ସ୍ଥାପନ କରୁଛନ୍ତି । ପଡ଼ୋଶୀମାନଙ୍କ ହକ୍‌କୁ ପ୍ରଦାନ କରିବା ପାଇଁ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ବାରମ୍ବାର ତାଗିଦ୍ କରିଛନ୍ତି । ତେଣୁ ପଡ଼ୋଶୀମାନଙ୍କର ବହୁତ ଗୁରୁତ୍ୱ ଅଛି । ପଡ଼ୋଶୀମାନଙ୍କର ଅଧିକାର ବହୁତ ବ୍ୟାପକ । ଆପଣମାନଙ୍କ ସହିତ କାମ କରିଥିବା ଲୋକମାନେ ମଧ୍ୟ ଆପଣମାନଙ୍କ ପଡ଼ୋଶୀ ଅଟନ୍ତି । ଗୋଟିଏ ଯାଗାରେ କହିଛନ୍ତି ଯେ ତୁମର ପଡ଼ୋଶୀମାନଙ୍କର ପରିଧି ଗୋଟିଏ ଯୋଡ଼ିଏ ଘର ନୁହେଁ ବରଂ ୪୦ଟି ଘର ପର୍ଯ୍ୟନ୍ତ ଅଟେ । ଏବେ ଯଦି ଚାରିକୋଣରୁ ୪୦ ଟି ଘର ନିଆଯାଏ ତେବେ ଜଣେ ଅହେମଦୀଙ୍କର ପଡ଼ୋଶୀମାନଙ୍କ ଘରର ସଂଖ୍ୟା ୧୬୦ ହେବ ।.....ମସ୍‌ଜିଦ୍‌କୁ ଆସୁଥିବା ଲୋକମାନଙ୍କର ମଧ୍ୟ ନିଜ ପଡ଼ୋଶୀମାନଙ୍କ ଅଧିକାରକୁ ଧ୍ୟାନ ରଖିବା ଉଚିତ୍ । ମସ୍‌ଜିଦ୍‌ଟି ପଡ଼ୋଶୀମାନଙ୍କ ପାଇଁ କୌଣସି ସଙ୍କୀର୍ଣ୍ଣତାର ସ୍ଥାନ ନହେଉ । ବରଂ ପଡ଼ୋଶୀମାନେ ଏହା ଅନୁଭବ କରନ୍ତୁ ଯେ ଏହି ମସ୍‌ଜିଦ୍‌ଟି ଆମର ସୁରକ୍ଷା ପାଇଁ ହୋଇଛି । ଏବଂ ଏହି ମସ୍‌ଜିଦ୍ ଆମକୁ ଲାଭ ପହଂଚାଉଛି ।.....

ସେହିପରି କାନୁନ୍‌ର ପାଳନ କରିବା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ଯଦି

କୌଣସି ମୁସଲମାନ୍ ଦେଶର କାନୁନ୍‌କୁ ପାଳନ କରୁନାହିଁ ତେବେ ତାର କୌଣସି ହକ୍ ନାହିଁ ଯେ ସେ ଦେଶରେ ରହୁ । କାନୁନ୍ ପାଳନ କରିବାରେ ଏବଂ ଦେଶ ସହିତ ପ୍ରେମ କରିବା ପାଇଁ ଇସଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମହମଦ୍ ସ:ଆ:ସ କହିଛନ୍ତି ଯେ ଏହା ତୁମର ଇମାନ୍‌ର ଏକ ଅଂଶ ଅଟେ । ତେଣୁ ଦେଶରେ କାନୁନ୍ ଏଥିପାଇଁ ତିଆରି କରାଯାଉଛି ସେଠିକାର ବାସିନ୍ଦାକୁ ସୁରକ୍ଷା ଦେବାପାଇଁ ଓ ତାଙ୍କୁ ଆରାମ୍ ପହଂଚାଇବା ପାଇଁ ଏବଂ ସେଠିକାର ବାସିନ୍ଦାଙ୍କୁ ଅତ୍ୟାଚାରରୁ ସୁରକ୍ଷା ଦେବାପାଇଁ । ତେଣୁ ଯଦି ଏହା ଇସଲାମ୍‌ର ଶିକ୍ଷା ଯେ ତୁମେ ଶାନ୍ତି ଓ ଭାଇଚାରାକୁ ପ୍ରସାର କରିବ ଏବଂ ଅତ୍ୟାଚାରକୁ ଦୂର କରିବ ତେବେ ଏହା କଦାପି ହୋଇପାରିବ ନାହିଁ ଯେ କୌଣସି ଅହେମଦୀ ମୁସଲମାନ୍ ବା କୌଣସି ବାସ୍ତବିକ ମୁସଲମାନ୍ କଦାପି କାନୁନ୍‌ର ବିରୋଧରେ ଯିବ ନାହିଁ । ପ୍ରତ୍ୟେକ ପ୍ରକୃତ ମୁସଲମାନ ସର୍ବଦା କାନୁନ୍‌ର ପାଳନ କରିବ ଏବଂ ତାକୁ କରିବା ମଧ୍ୟ ଉଚିତ୍ । ଯଦି ସେ ଏହା ନକରିଛି ତାହାଲେ ତାର ଇସଲାମ୍ ଧର୍ମ ସହିତ କୌଣସି ସମ୍ପର୍କ ନାହିଁ । ଯଦି କାହାକୁ ଏ ବିଷୟରେ ସଂଶୟ ଅଛି ତେବେ ତାକୁ ସେ ଦୂର କରିନେଉ ଯେ ଇସଲାମୀୟ ଶିକ୍ଷା ଏହାକୁ କଦାପି ଅନୁମତି ଦେଉନାହିଁ ବା କୌଣସି ପ୍ରକାରର ଅଶାନ୍ତିର ଶିକ୍ଷା ଦେଉନାହିଁ ଓ କୌଣସି ପ୍ରକାରର କାନୁନ୍‌କୁ ଭଙ୍ଗ କରିବାର ଅନୁମତି ଦେଉନାହିଁ । ଯେଉଁ ଲୋକମାନେ ଇସଲାମ୍ ନା ରେ ଅଶାନ୍ତି ଭିଆଉଛନ୍ତି, ଶାନ୍ତି ଭଙ୍ଗ କରୁଛନ୍ତି ତେବେ ସେମାନେ ଇସଲାମ୍‌କୁ ବଦ୍‌ନାମ୍ କରୁଛନ୍ତି । ତେଣୁ ଇସଲାମ୍‌ର ଶିକ୍ଷା କଦାପି ଏହାର ଅନୁମତି ଦିଏନାହିଁ ।

ସେହିପରି ଏମ୍.ପି ସାହିବାଙ୍କୁ ମଧ୍ୟ ଧନ୍ୟବାଦ ଦେଉଅଛି । ସେ ତାଙ୍କର ବହୁତ ଉତମ ଭାବନା ପରିପ୍ରକାଶ କଲେ ଏବଂ ଧର୍ମୀୟ ସ୍ୱାଧୀନତାର ଚର୍ଚ୍ଚା ମଧ୍ୟ କଲେ । ଏ ଦେଶରେ ଯେଉଁ ଧର୍ମୀୟ ସ୍ୱାଧୀନତା ଆମକୁ ମିଳୁଛି ସେଥିପାଇଁ ଆମେ ବହୁତ କୃତଜ୍ଞ । ଏଠିକାର ଲୋକମାନେ ବିଭିନ୍ନ ଧର୍ମର ଲୋକେ ହୋଇଥିଲେ ମଧ୍ୟ ମସ୍‌ଜିଦ୍ ନିର୍ମାଣ ପାଇଁ ଅନୁମତି ଦେଉଛନ୍ତି । ସେଥିଯୋଗୁଁ ମୁଁ ଏଠିକାର ଲୋକମାନଙ୍କର, ପଡ଼ୋଶୀମାନଙ୍କର ଏବଂ କାଉନ୍‌ସିଲ୍‌କୁ ମଧ୍ୟ ଧନ୍ୟବାଦ ଅର୍ପଣ କରୁଛି । ଇନ୍‌ସାଆଲ୍ଲା ଯେତେବେଳେ ଏହି ମସ୍‌ଜିଦ୍ ନିର୍ମାଣ ହୋଇଯିବ ସେତେବେଳେ ସେମାନେ ଏହାକୁ ଅଧିକ ଅନୁଭବ କରିପାରିବେ ।....

ଆମେ ଏ କଥାରେ ବିଶ୍ୱାସ ରଖୁ ଯେ ଅଲ୍ଲାଃତାଲା ପ୍ରତ୍ୟେକ ଜାତିରେ ନବୀ ପ୍ରେରଣ କରିଛନ୍ତି । ପ୍ରତ୍ୟେକ ଜାତିର ସଂସ୍କାର ପାଇଁ ନିଜର ବିଶେଷ ଦୂତମାନଙ୍କୁ ପଠାଇଛନ୍ତି । ଯେଉଁମାନେ ଆସି ଧର୍ମଶିକ୍ଷା ଓ ଲୋକମାନଙ୍କୁ ସୁଚରିତ୍ରର ଶିକ୍ଷା ଦେଇଛନ୍ତି । ତେଣୁ ପ୍ରତ୍ୟେକ ଧର୍ମ ଅଲ୍ଲାଃତାଲାଙ୍କ ତରଫରୁ ଆସିଅଛି । ଆମେ ବିଶ୍ୱାସ ରଖୁଛୁ ଯେ ସମସ୍ତ ନବୀ ସତ୍ୟବାଦୀ ଥିଲେ ଓ ଅଲ୍ଲାଃତାଲାଙ୍କ ତରଫରୁ ଆସିଥିଲେ ଓ ଅଲ୍ଲାଃତାଲାଙ୍କର ଶିକ୍ଷାକୁ ପ୍ରସାର କରିବା ପାଇଁ ଆସୁଥିଲେ । ସେଥିଯୋଗୁଁ ଆମେ କଦାପି ଏହା ଭାବିପାରିବୁ ନାହିଁ ଯେ ଆମେ କେବେ ଅନ୍ୟ ଧର୍ମର ଅଧିକାରକୁ କ୍ଷୁର୍ଣ୍ଣ କରିବୁ ବା ତାକୁ କୌଣସି ପ୍ରକାରର କଷ୍ଟ ପହଂଚାଇବୁ । ବରଂ ଇସ୍‌ଲାମ୍ ଉପରେ ବହୁତ ଲମ୍ବା ସମୟ ଅତ୍ୟାଚାର ହେବା ପରେ ଇସଲାମ୍‌ର ପ୍ରତିଷ୍ଠାତା ସ:ଆ:ସଙ୍କୁ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଯାଇଥିଲା । ସେଥିରେ ସର୍ତ ଥିଲା ଯେ ଏ ଯେଉଁ ଲୋକମାନେ ତୁମକୁ ନିଃଶେଷ କରିବାକୁ ଚାହୁଁଛନ୍ତି ପ୍ରକୃତରେ ସେମାନେ ଧର୍ମକୁ ନିଃଶେଷ କରିବାକୁ ଚାହୁଁଛନ୍ତି । ତେଣୁ ଯେଉଁମାନେ ଧର୍ମକୁ ନିଃଶେଷ କରିବାକୁ ଚାହାଁନ୍ତି ସେମାନଙ୍କ ହାତକୁ ରୋକି ଦିଆଯାଉ କାରଣ ଯଦି ଯୁଦ୍ଧ ଦ୍ୱାରା ତାଙ୍କର ହାତକୁ ରୋକା ନ ଯିବ ତେବେ ଏ ସଂସାରରେ କୌଣସି ଚର୍ଚ୍ଚ ବାକି ରହିବ ନାହିଁ । ଯୁହୁଦୀଙ୍କର ପୀଠସ୍ଥଳୀ ବାକି ରହିବନାହିଁ । କୌଣସି ମନ୍ଦିର ଓ ମସ୍‌ଜିଦ୍ ମଧ୍ୟ ବାକି ରହିବ ନାହିଁ, କାରଣ ଏ ଲୋକମାନେ ଧର୍ମବିରୋଧି ଅଟନ୍ତି । ତେଣୁ ଇସ୍‌ଲାମ୍ ଏଠାରେ ଏକଥାକୁ ସ୍ପଷ୍ଟ କରିଛି ଯେ ଧର୍ମୀୟ ସ୍ୱାଧୀନତା ଇସ୍‌ଲାମ୍‌ର ବୁନିଆଦି ଶିକ୍ଷା ଅଟେ । ସେଥିଯୋଗୁ ମୁଁ ଆପଣମାନଙ୍କୁ ଶୁଭେଚ୍ଛା ଜଣାଉଛି ।....

ଏଠାରେ ଗଣତନ୍ତ୍ରର କଥା ଉଠିଛି । ବାସ୍ତବିକ ଗଣତନ୍ତ୍ର ହେବା ଯୋଗୁଁ ଆପଣମାନଙ୍କ ଉପରେ ଧର୍ମୀୟ ସ୍ୱାଧୀନତାର ଭାବ ଜନ୍ମ ନେଇଛି । ଏହି କଥାକୁ ଇସ୍‌ଲାମ୍ ମଧ୍ୟ କହୁଛି ଯେ ଗଣତନ୍ତ୍ରର ସ୍ୱାଧୀନତା ମଧ୍ୟ ହେବା ଉଚିତ୍ ବରଂ ପବିତ୍ର କୋରାନ୍ ମଧ୍ୟ ଏହା କହୁଛି ଯେ ଯେବେ ତୁମେ ନିଜର ଲିଡର୍‌କୁ ବାଛିବ, ଯେବେ ତୁମେ ତୁମ ସର୍ଦ୍ଦାରଙ୍କୁ ଚୟନ କରିବ ବା ନିଜର ସରକାରୀ କର୍ମକର୍ତାଙ୍କୁ ଚୟନ କର ତେବେ ଏପରି ଲୋକଙ୍କୁ ଚୟନ କର ଯେଉଁମାନେ ଅମାନତ୍‌ର ହକ୍‌କୁ ପ୍ରଦାନ କରୁଥିବେ । ଏପରି ନେତା ସର୍‌କାର କରନ୍ତୁ ଯେଉଁମାନେ ଅମାନତ୍‌ର ହକ୍ ଏପରି ପ୍ରଦାନ କରୁଥିବେ ଯେ ସେମାନେ ସାଧାରଣ ଲୋକଙ୍କର ଉନ୍ନତି ପାଇଁ କାମ କରୁଥିବେ ଓ ଦେଶର ଉନ୍ନତି ନିମନ୍ତେ ମଧ୍ୟ କାର୍ଯ୍ୟ କରୁଥିବେ । ଇସ୍‌ଲାମ୍ ତ ଏ ଶିକ୍ଷା ମଧ୍ୟ ଦେଉଛି ଯେ ନିଜର ବାକ୍ ସ୍ୱାଧୀନତାର ଅଧିକାରକୁ ମଧ୍ୟ ପ୍ରୟୋଗ କର ।....

ମୋ ଆଶା ଅଛି ଯେ ଇନ୍‌ଶାଆଲ୍ଲା ଯେତେବେଳେ ଏ ମସ୍‌ଜିଦ୍ ନିର୍ମାଣ ହୋଇଯିବ ସେତେବେଳେ ଅହେମଦୀମାନେ ନିଜ ପ୍ରୋଗ୍ରାମ୍ ଗୁଡିକୁ ଗୋଟିଏ ସ୍ଥାନରେ ବଡ଼ ସୁବିଧାର ସହିତ କରିପାରିବେ । ଯେଉଁଠାରେ ସେମାନେ ଉପାସନା କରିବେ ସେଠାରେ ଅନ୍ୟ ପ୍ରୋଗ୍ରାମ୍ ମଧ୍ୟ କରିପାରିବେ । ନିଜ ଦେଶ ଓ ଜାତିର ଉନ୍ନତି ସାଧନ ପାଇଁ କାର୍ଯ୍ୟ କରିପାରିବେ । ଅଲ୍ଲାଃତାଲା ଏହା କରିବା ପାଇଁ ସମସ୍ତଙ୍କୁ ଶକ୍ତି ପ୍ରଦାନ କରନ୍ତୁ ।....

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କର ଭାଷଣ ୬:୪୬ ପର୍ଯ୍ୟନ୍ତ ଜାରି ରହିଲା । ତତ୍‌ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୂଳଦୁଆ ରଖିବା ସ୍ଥାନକୁ ଆସିଲେ ଏବଂ ଦୁଆ ସହିତ ମୂଳଦୁଆ ପାଇଁ ଇଟା ଲଗାଇଲେ । ଏହାପରେ ହଜ୍‌ରତ୍ ବେଗମ୍ ସାହିବା ଜ:ଅ ଦ୍ୱିତୀୟ ଇଟା ରଖିଲେ । ଏହାପରେ ନିମ୍ନରେ ଦିଆଯାଇଥିବା ଯମାତ୍‌ର ଓ୍ୱହ୍‌ଦାଦାର୍‌ମାନେ ଏବଂ ଅତିଥିମାନଙ୍କୁ ଗୋଟିଏ ଗୋଟିଏ ଇଟା ରଖିବାର ସୌଭାଗ୍ୟ ପ୍ରାପ୍ତ ହେଲା ।

ଶ୍ରୀମାନ୍ ଅବ୍‌ଦୁଲା ଓ୍ୱାଗତ୍ ହାଉଜର୍ ସାହେବ୍ (ଅମୀର୍ ଯମାତ୍ ଜର୍ମାନୀ), ରାଉନ୍‌ହେମ୍ ସହରର ମେୟର୍ ମିଷ୍ଟର୍ ଥୋମାସ୍ ଜୋହେ ସାହେବ, ପ୍ରାଦେଶିକ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ମିସେସ୍ ତାବିଲେ ସ୍କଲ୍ ସାହିବା, ଅବ୍‌ଦୁଲ୍ ମାଜିଦ୍ ତାହେର୍, ହଏଦର୍ ଅଲ୍ଲି ଜଫର୍ ସାହେବ, ଶ୍ରୀମାନ୍ ମୁନିର୍ ଅହେମଦ୍ ଜାଓ୍ୱେଦ୍ ସାହେବ (ପ୍ରାଇଭେଟ୍ ସେକ୍ରେଟାରୀ), ମହମ୍ମଦ୍ ବିଲାଲ୍ ଓଏଦ୍ ସାହେବ, ଚୌଧୁରୀ ଇସ୍ତେଖାର୍ ଅହେମଦ୍ ସାହେବ.....ଇତ୍ୟାଦି ଓ୍ୱହ୍‌ଦାଦାର୍ ଓ ଅତିଥିଗଣ ଗୋଟିଏ ଗୋଟିଏ ଇଟା ରଖିବାର ସୌଭାଗ୍ୟ ପ୍ରାପ୍ତ କଲେ । ପରିଶେଷରେ ହଜୁର୍ ଅନୁଓ୍ୱର୍ ଦୁଆ କରାଇଲେ ।

ଦୁଆ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଟେଂଟ୍ ଭିତରକୁ ପ୍ରବେଶ କଲେ । ଯେଉଁଠି ଏହି ଉତ୍ସବରେ ସାମିଲ୍ ହେବାକୁ ଆସିଥିବା ସମସ୍ତ ଅତିଥିଗଣ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ରାତ୍ରିଭୋଜନ କଲେ । ଆସିଥିବା ଅତିଥିମାନଙ୍କ ସହିତ ହଜୁର୍ ହାତ ମିଳାଇଲେ ଓ କଥାବାର୍ତା ମଧ୍ୟ କଲେ । ପିଲାମାନଙ୍କୁ ହଜୁର୍ ଚକୋଲେଟ୍ ପ୍ରଦାନ କଲେ । ତତ୍‌ପରେ ହଜୁର୍ ଅନୁଓ୍ୱର୍ ଲଜ୍‌ନାଙ୍କ ଟେଂଟ୍ ଭିତରେ ପ୍ରବେଶ କଲେ ଯେଉଁଠାରେ ମହିଳାମାନେ ହଜୁର୍ ଅନୁଓ୍ୱର୍‌ଙ୍କର ଦର୍ଶନ ପାଇଲେ । ଏହାପରେ ୭:୫୫ ରେ ହଜୁର୍ ଏଠାରୁ ବଇତୁଲ୍ ସବୁହୁ ଫ୍ରାଙ୍କ୍‌ଫର୍ଟ ନିମନ୍ତେ ଯାତ୍ରା କଲେ । ୮:୨୦ ରେ ହଜୁର୍ ଅନୁଓ୍ୱର୍‌ଙ୍କର ବଇତୁଲ୍ ସବୁହୁ ଠାରେ ଆଗମନ ହେଲା ।

### ଆମିନ୍ ଉତ୍ସବ

୮:୩୫ ରେ ହଜୁର୍ ଅ:ବ:ଅ ମସ୍‌ଜିଦ୍‌ର ହଲ୍ ଭିତରକୁ ଆଗମନ ହେଲେ । ଏବଂ ପ୍ରୋଗ୍ରାମ୍ ମୁତାବକ ଆମିନ୍ ଉତ୍ସବର ଶୁଭାରମ୍ଭ ହେଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ୩୦ ଜଣ ପୁଅ ଝିଅଙ୍କ ନିକଟରୁ ପବିତ୍ର କୋରାନ୍‌ର ଗୋଟିଗୋଟି ଆୟତ ଶୁଣିଲେ ଏବଂ ପରିଶେଷରେ ଦୁଆ କରାଇଲେ । ଆମିନ୍ ଉତ୍ସବ ପରେ ହଜୁର୍ ମଗରିବ ଓ ଇଶା ନମାଜ ଏକତ୍ର କରି ପଢ଼ାଇଲେ । ତତ୍‌ପରେ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ଅତିଥିମାନଙ୍କର ମନୋଭାବ

ଆଜି ଏହି ମସ୍‌ଜିଦ୍‌ର ମୂଳଦୁଆ ରଖିବା ଉତ୍ସବରେ ୧୩୫ ଜଣ ଅତିଥି ସାମିଲ୍ ହୋଇଥିଲେ । ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣ ସେମାନଙ୍କର ମନରେ ଗଭୀର ପ୍ରଭାବ ପକାଇଲା । ବହୁତ ଅତିଥି ନିଜର ଭାବନା ବ୍ୟକ୍ତ କଲେ । ସେଗୁଡିକୁ ଏଠାରେ ଉପସ୍ଥାପନ କରାଯାଉଛି ।

*ଜଣେ ମହିଳା ଡାକ୍ତର କହିଲେ

ଖଲିଫାଙ୍କ ଭାଷଣ ବହୁତ ପ୍ରଭାବଶାଳୀ ଥିଲା । ହୃଦୟର ଗଭୀରତା ପର୍ଯ୍ୟନ୍ତ ପ୍ରଭାବ ପକାଉଥିଲା । ବିଶେଷ କରି ଶାନ୍ତି ଓ ପ୍ରେମର ବାର୍ତା । ଆମ ମାନଙ୍କ ଭିତରୁ ସମସ୍ତେ ଯଦି ନିଜ ପଡ଼ୋଶୀଙ୍କର ଧ୍ୟାନ ରଖିବେ ଯେପରି ଖଲିଫା ବର୍ତମାନ କହିଲେ ତେବେ ସଂସାରଟି ବହୁତ ସୁନ୍ଦର ହୋଇଯିବ ।

*ଜଣେ ଇସାଇ ଅତିଥି କହିଲେ ଯେ ଖଲିଫାଙ୍କ ପାଖରୁ ଉତମ ଚରିତ୍ର ଗୁଡ଼ିକ ବାରି ହୋଇପଡୁଥିଲା । ତାଙ୍କୁ ଏକଥା ଗରୁତ୍ୱପୂର୍ଣ୍ଣ ଲାଗିଲା ଯେ ଯମାତ୍‌କୁ ନିଜ ଖଲିଫାଙ୍କ ସହିତ ଗଭୀର ଅଛି । ଆପଣଙ୍କ ପ୍ରୋଗ୍ରାମ୍ ଅତ୍ୟନ୍ତ ସୁନ୍ଦର ଥିଲା । ଆସନ୍ତାକୁ ମୁଁ ଏହି ପ୍ରୋଗ୍ରାମ୍‌ରେ ଯୋଗ ଦେବି ।

*ଆଉଜଣେ ଅତିଥି କହିଲେ ଯେ ତାଙ୍କୁ ଜଣେ ଶିରିଆର ବନ୍ଧୁ କହିଥିଲେ ଯେ ଅହେମଦୀମାନେ ତ ମୁସଲମାନ ନୁହଁନ୍ତି । ସେଥିଯୋଗୁଁ ତାଙ୍କଠାରୁ ଦୂରେଇ ରହିବା ଉଚିତ୍ । ଏବେ ସେ ତାଙ୍କୁ ଏ ଉପହାର ଦେବେ ଯାହାକୁ ଯମାତ୍ ଅହେମଦୀୟା ଦେଇଛି । ସେହି ଉପହାରଟିରେ ଲେଖାହୋଇଛି 'ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ ଅର୍ଥାତ୍- ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ । ଅହେମଦୀମାନେ ଅନ୍ୟ ମୁସଲମାନଙ୍କଠାରୁ ଅଧିକା ଅମଳ କରନ୍ତି ସେଥିଯୋଗୁ ଅହେମଦୀମାନଙ୍କର କାର୍ଯ୍ୟ ଅନୁକରଣୀୟ ।

*ମିଷ୍ଟର୍ ଗାବ୍ରିଏଲ୍ ଯିଏ ଜଣେ ଚିଫ୍ ଇନିସ୍‌ପେକ୍ଟର୍ ଅଛନ୍ତି ସେ କହୁଛନ୍ତି ଖଲିଫାଙ୍କର ଭାଷଣ ବହୁତ ବୈଭବଶାଳୀ ଓ ସ୍ମରଣୀୟ ଥିଲା । ବିଶେଷ କରି ପଡ଼ୋଶୀମାନଙ୍କର ହକ୍ ବିଷୟରେ ।

*ଆଉଜଣେ ଅତିଥି କହିଲେ ଖଲିଫା ବହୁତ ସ୍ୱଷ୍ଟ ରୂପେ ବର୍ଣ୍ଣନା କଲେ ଯେ ଇସଲାମ୍ ସହିତ ସନ୍ତ୍ରାସବାଦର କୌଣସି ସମ୍ପର୍କ ନାହିଁ । ଇସଲାମ୍ ଏକ ଶାନ୍ତିପ୍ରିୟ ଧର୍ମ ଅଟେ ।...

*ଆଉଜଣେ ଅତିଥି କହିଲେ ଖଲିଫା ବହୁତ ସୁନ୍ଦର ରୂପେ ବର୍ଣ୍ଣନା କଲେ ଯେ ଅହେମଦୀମାନେ ଶାନ୍ତିପ୍ରିୟ ମୁସଲମାନ ଅଟନ୍ତି ।

*ଜଣେ ସିଭିଲ୍ ଇଞ୍ଜିନିୟର୍ ନିଜର ଭାବ ବ୍ୟକ୍ତ କରି କହିଲେ ଏପରି ଲାଗୁଥିଲା ଯେ କେହିଜଣେ ପ୍ରଭାବଶାଳୀ ବ୍ୟକ୍ତି କଥା କହୁଛନ୍ତି । ଯାହା କିଛି ହଜୁର୍ କହିଲେ ତାହା ଯୁକ୍ତିଯୁକ୍ତ ଥିଲା । ସେଥିପାଇଁ ଏତେ ସଂଖ୍ୟାରେ ଲୋକମାନେ ଆପଣଙ୍କର ଅନୁସରଣ କରୁଛନ୍ତି । ତାଙ୍କର କହିବାର ଥିଲା ଯେ ଏ କଥାର ଆଭାଷ ମୋତେ ସାମୁହିକ ପ୍ରାର୍ଥନା ସମୟରେ ଜଣାଗଲା । ହଜୁର୍ ଯେତେବେଳେ ସମସ୍ତଙ୍କୁ ଇଙ୍ଗିତ କରି କହିଲେ ଯେ ଦୁଆ କରନ୍ତୁ ସେତେବେଳେ ସମସ୍ତେ ଦୁଆ ଆରମ୍ଭ କରିଦେଲେ ।

*ଜଣେ ମହିଳା ଅତିଥି କହିଲେ ଖଲିଫାଙ୍କର ପଡ଼ୋଶୀମାନଙ୍କ ଅଧିକାର ନିମନ୍ତେ ଧ୍ୟାନ ଆକର୍ଷଣ କରାଇବା ବିଶେଷ ରୂପେ ତାଙ୍କୁ ଭଲ ଲାଗିଲା । ଯଦି ଆମେ ଏହି ବାର୍ତାର ଏକ ଅଂଶ ଉପରେ ମଧ୍ୟ ଅମଳ କରିବା ତେବେ ସଂସାରଟି ବହୁତ ସୁନ୍ଦର ହୋଇଯିବ ।

*ଓକିଲାତି କରୁଥିବା ଜଣେ ଜର୍ମାନୀ ଶିକ୍ଷାର୍ଥୀ ମିଷ୍ଟର୍ ମ୍ୟାଗଜି ମିଲିଆନ୍ ରୁବେନ ନିଜର ଭାବ ବ୍ୟକ୍ତ କରି କହିଲେ ଖଲିଫାଙ୍କ ଭାଷଣ ମନ ଉପରେ ଗଭୀର ପ୍ରଭାବ ପକାଇଛି । ଖଲିଫା ଅନ୍ୟ ଦୁଇଜଣ ବକ୍ତାଙ୍କ ପଂଏଟ୍‌କୁ ନେଇ ନିଜ ବିଷୟରେ ତାର ବ୍ୟାଖ୍ୟା କରିବା ସହିତ ଇସଲାମୀୟ ଦୃଷ୍ଟିକୋଣକୁ ଉପସ୍ଥାପନ କଲେ । ସେ କହିଲେ ଯେ ମୁଁ ମଧ୍ୟ ବିଭିନ୍ନ ଯାଗାରେ ବକ୍ତବ୍ୟ ଦେଉଛି । କିନ୍ତୁ ଯେଉଁ ଶୈଳୀରେ ଖଲିଫା ଛୋଟ ଛୋଟ ବୁନିଆଦି କଥାକୁ ଉପସ୍ଥାପନ କଲେ ମୋ ନିକଟରେ ଏହାଠାରୁ ଉତମ ଶୈଳୀରେ କୁହାଯାଇପାରିବ ନାହିଁ । ସେ କହିଲେ ମୁଁ ଖଲିଫାଙ୍କୁ କେବଳ ଟି.ଭି କିମ୍ବା ରେଡିଓରେ ଶୁଣିଥିଲି । ଏବେ ମୁଁ ପ୍ରଥମ ଲାଇନ୍‌ରେ ବସି ପ୍ରତ୍ୟକ୍ଷ ରୂପେ ଦେଖୁଅଛି । ମୋତେ ଏହାର ବିଶ୍ୱାସ ହେଉନାହିଁ ।

*ପୋଲିସ୍ ବିଭାଗୀୟ ଜଣେ ତୁର୍କୀ ଅତିଥି ନିଜର ଭାବ ବ୍ୟକ୍ତ କରି କହିଲେ ମୁଁ ଆଜିର ଏହି ଉତ୍ସବ ଏବଂ ଖଲିଫତୁଲ୍ ମସିହ୍‌ଙ୍କର ବାର୍ତା ଦ୍ୱାରା ବହୁତ ପ୍ରଭାବିତ ହୋଇଅଛି । ଯଦି ଆପଣମାନେ ଏହିପରି ଇସଲାମ୍‌ର ଶାନ୍ତିପ୍ରିୟ ବାର୍ତାକୁ ବିଭିନ୍ନ ସ୍ଥାନରେ ଦେଇଚାଲିବେ ତ ନିକଟ ଭବିଷ୍ୟତରେ ବହୁତ ସଫଳତା ପାଇବେ । ପୁଣି ସେ କହିଲେ ଆପଣଙ୍କ ଯମାତ୍‌ର କାର୍ଯ୍ୟଗୁଡ଼ିକ ଏକ ଗଭୀର ଦାର୍ଶନିକ ପଦ୍ଧତି ଏବଂ ଉତମ ଷ୍ଟ୍ରକ୍‌ଚର୍ ଅନ୍ତର୍ଗତ ଚାଲୁଅଛି । ଏପରି ସୁ ସଙ୍ଗଠିତ ବ୍ୟବସ୍ଥା ମୋତେ ଅନ୍ୟ କେଉଁଠି ଦେଖିବାକୁ ମିଳିନାହିଁ । ଆପଣମାନଙ୍କର ଏହି ବ୍ୟବସ୍ଥାରୁ ମୁଁ ବହୁତ କିଛି ଶିଖିଲି ।

*ଜଣେ ଅତିଥି ମାଇକେଲ ସମର୍ କହିଲେ ଆମକୁ ଏଠାକୁ ଆସି ବହୁତ ଆତ୍ମୀୟ ମନେହେଉଛି । ମୁଁ ଖ୍ରୀଷ୍ଟିଆନ୍ ମାନଙ୍କର ବହୁତ ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଛି । କିନ୍ତୁ ସେଠି ମୋତେ ଏଭଳି ଆତ୍ମୀୟତା ଅନୁଭବ ହୋଇନାହିଁ । ଇସାଇମାନେ ଏଥିରୁ ବହୁତ କିଛି ଶିଖି ପାରିବେ ।

*ଜର୍ମାନୀ ରେଡ୍‌କ୍ରସ୍‌ର ଗୋଟିଏ ବିଭାଗର ଇନ୍‌ଚାର୍ଜ ମିଷ୍ଟର୍ ଭୋଲ୍‌କର୍ ଡ୍ରେସ୍ ନିଜର ଭାବବ୍ୟକ୍ତ କରି କହିଲେ ଖଲିଫାଙ୍କର ଶବ୍ଦଗୁଡିକ ଅତ୍ୟନ୍ତ ପ୍ରଭାବିତ ହୋଇଥିଲା । ଖଲିଫାଙ୍କ ବ୍ୟକ୍ତିତ୍ୱ ମଧ୍ୟ ମୋହନୀୟ ଅଟେ । ବହୁତ ନ୍ୟାୟବନ୍ତ ଓ ନିରପେକ୍ଷ ବ୍ୟକ୍ତିତ୍ୱ ଅଟନ୍ତି । ଖଲିଫା କହିଲେ ସମସ୍ତ ମନୁଷ୍ୟ ଜାତି ଏକ ଅଟନ୍ତି । ତେଣୁ ପ୍ରତ୍ୟେକଙ୍କର ସମ୍ମାନ ହେବା ଉଚିତ୍ । ଏହା ବିଲ୍‌କୁଲ୍ ଠିକ୍ କଥା ।

*ଆଉ ଜଣେ ମେହ୍‌ମାନ୍ ମିଷ୍ଟର୍ ଷ୍ଟିଫାନ୍ କହିଲେ ମୁଁ ପ୍ରଥମରୁ ଯମାତ୍‌କୁ ଜାଣି ନଥିଲି । ଜଣେ ଆଧାତ୍ମିକ ଗୁରୁଙ୍କୁ ଯେପରି ହେବା ଉଚିତ୍ ଖଲିଫାଙ୍କର ବ୍ୟକ୍ତିତ୍ୱରେ ସେ ସମସ୍ତ ଗୁଣ ନିହିତ ଅଛି । ଖଲିଫାଙ୍କର ଭାଷଣରେ ଆମେ ସଂସାରର ବାସ୍ତବିକ ରୂପକୁ ଜାଣିଲୁ । ବିଶେଷ କରି ଇସଲାମ୍ ଏକ ଶାନ୍ତିପ୍ରିୟ ଧର୍ମ ବୋଲି ଅବଗତ ହେଲୁ ।

*ଜଣେ ଜାପାନୀ ମହିଳା ଓ ତାଙ୍କର ଜର୍ମାନୀ ସ୍ୱାମୀ କହିଲେ ଯେ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇ ତାଙ୍କୁ ବହୁତ ଆଶ୍ଚର୍ଯ୍ୟ ଲାଗିଲା । ଆମେ ଭାବିଥିଲୁ ଯେ ଏହା ଗୋଟିଏ ଛୋଟିଆ ପ୍ରୋଗ୍ରାମ୍ ବୋଲି । କିନ୍ତୁ ଏହାତ ବହୁତ ବଡ଼ ପ୍ରୋଗ୍ରାମ୍ ଓ ଏକ ଶାନ୍ତିପ୍ରିୟ ପ୍ରୋଗ୍ରାମ୍ ଥିଲା । ଖଲିଫା ଯେଉଁ କଥା କହିଲେ ତାହା ବହୁତ ସୁନ୍ଦର ଓ ସ୍ୱଷ୍ଟ ଥିଲା । ଆଜିକାଲିର ରାଜନିତିଜ୍ଞମାନେ ଏଥିରୁ ଲାଭ ଉଠାଇବା ଉଚିତ୍ । ତାପରେ ସେମାନେ କହିଲେ ମସ୍‌ଜିଦ୍ ପାଇଁ କିଛି ଦାନ ଦେବାକୁ ଚାହୁଁଛୁ ।

*ଆଉଜଣେ ଅତିଥିଙ୍କ ମନରେ ପୂର୍ବରୁ କିଛି ସଂଶୟ ଥିଲା । ତାଙ୍କର ପ୍ରଶ୍ନ ଥିଲା ଯେ ଖଲଫା ଶାନ୍ତି ନିମନ୍ତେ କଣ ଚେଷ୍ଟା କରୁଛନ୍ତି । ହଜୁର୍ ଅନୁଓ୍ୱର୍ ସେ ସମସ୍ତ ବିଷୟର ଉତର ନିଜ ଭାଷଣରେ କହିଲେ ସେତେବେଳେ ତାଙ୍କ ମନରୁ ସବୁ ସଂଶୟ ଦୂର ହୋଇଗଲା । ପୁଣି ସେ କହିଲେ ଯେ ଆପଣଙ୍କର ଖଲିଫା ତ ଜଣେ ଶାନ୍ତି ଦୂତ ଅଟନ୍ତି । ତେଣୁ ସମସ୍ ମୁସଲ୍‌ମାନ ମାନଙ୍କୁ ଏହି ଶିକ୍ଷା ଉପରେ ଅମଳ କରିବା ଉଚିତ୍ । ହଜୁରଙ୍କର ବାର୍ତାକୁ ସବୁଠାରେ ପହଂଚାଇବା ଉଚିତ୍ ।

*ଜଣେ ମହିଳା କହିଲେ ଯେ ମୁଁ ପ୍ରଥମଥର ପାଇଁ ଯମାତ୍‌ର ଏହି ପ୍ରୋଗ୍ରାମ୍‌ରେ ଆସିଛି । ଏବେ ମୁଁ ପ୍ରତିକ୍ଷା କରୁଛି ଯେ ଆପଣଙ୍କର ମସ୍‌ଜିଦ୍ ଶିଘ୍ର ନିର୍ମାଣ ହୋଇଯାଉ ଏବଂ ମୁଁ ତାକୁ ଦେଖିବି ।

*ଜଣେ ଶିରିଆର ବନ୍ଧୁ ନିଜର ଭାବବ୍ୟକ୍ତ କରି କହିଲେ ମୋତେ ଏ କଥାର ଭୟ ଥିଲା ଯେ ଅଣ ମୁସଲିମ୍ ଲୋକମାନେ ଏଠାକୁ ଆସି କୌଣସି ବିପଦ ସୃଷ୍ଟି ନକରନ୍ତୁ । ଖଲିଫତୁଲ୍ ମସିହ୍‌ଙ୍କ ନିକଟରେ ଏକ ପ୍ରକାର ସ୍ଥିରତା ଓ ଶାନ୍ତିର ବାତାବରଣ ଅନୁଭବ ହେଉଥିଲା । ଖଲିଫାଙ୍କର ଚେହେରା ଜ୍ୟୋତିର୍ମୟ ଲାଗୁଥିଲା । ଆପଣ ଅନ୍ୟ ମୁସଲମାନଙ୍କ ଅପେକ୍ଷା ବହୁତ ଉତମ ଢ଼ଙ୍ଗରେ ଇସଲାମୀୟ ଶିକ୍ଷାକୁ ଉପସ୍ଥାପନ କଲେ । ଖଲିଫା ଆଜି ବାସ୍ତବିକ ଇସ୍‌ଲାମ୍‌କୁ ଉପସ୍ଥାପନ କରିଛନ୍ତି । ଅହେମଦୀ ମାନଙ୍କର ଏହି ପ୍ରୋଗ୍ରାମରେ ମୁଁ ପ୍ରଥମଥର ପାଇଁ ସାମିଲ୍ ହୋଇଛି । ଆଗକୁ ମୁଁ ଅଧିକ ଜ୍ଞାନ ଆହରଣ କରିବି । ମୋତେ ଏପରି ଲାଗୁଛି, ମୁଁ ଦିନେ ନା ଦିନେ ବୟତ କରି ଏହି ଯମାତ୍‌ରେ ସାମିଲ୍ ହୋଇଯିବି ।

*ଲର୍ଡ଼ ମେୟର୍ ସାହେବ୍ କହିଲେ ଯେ ସେ ଖଲିଫାଙ୍କ ସହିତ ପ୍ରଥମଥର ପାଇଁ ନିକଟରେ ପାଇ ବହୁତ ପ୍ରଭାବିତ ହୋଇଛନ୍ତି । ତାଙ୍କୁ ଯେତେବେଳେ ପଚରାଗଲା ଯେ ଆପଣ କେଉଁ କଥାରେ ଅଧିକ ପ୍ରଭାବିତ ହେଲେ ସେ କହିଲେ ଯେ ଖଲିଫାଙ୍କ ଭାଷଣ ମୋତେ ବହୁତ ପ୍ରଭାବିତ କରିଛି । ପୁଣି କହିଲେ ଯେ ଖଲିଫା ସାହେବଙ୍କ ଭାଷଣରେ ଯେଉଁ ଧର୍ମୀୟ ସ୍ୱାଧୀନତା, ଭାଇଚାରା ଏବଂ ମସ୍‌ଜିଦ୍‌ର ଲକ୍ଷ୍ୟ ବିଷୟରେ ଯାହା ସବୁ ଚର୍ଚ୍ଚା କଲେ ସେ ସବୁ ତାଙ୍କୁ ବହୁତ ପସନ୍ଦ ହେଲା । ପୁଣି କହିଲେ ଯେ ମୋତେ

ବହୁତ ଆଶ୍ଚର୍ଯ୍ୟ ଲାଗିଲା ଯେ ଖଲିଫତୁଲ୍ ମସିହ୍ ତାଙ୍କ ସହିତ ବହୁତ ସମ୍ମାନର ସହିତ ବ୍ୟବହାର କଲେ ।

*ଆଉ ଜଣେ ଅତିଥି କହିଲେ ଯେ ତାଙ୍କୁ ଏହି ଉତ୍ସବ ଭଲ ଲାଗିଲା । ତାଙ୍କ ନିକଟରେ ଏହି ଉତ୍ସବର ବ୍ୟବସ୍ଥା ବହୁତ ସୁନ୍ଦର୍ ଥିଲା । ବିଶେଷ ରୂପେ ଅତିଥିମାନଙ୍କର ସ୍ୱାଗତ କରାଯିବା ଶୈଳୀ ବହୁତ ଭଲ ଲାଗିଲା । କହିଲେ ଯେ ଏତେ ଲୋକଙ୍କୁ ଏତେ ଥଣ୍ଡା ପରିବେଶରେ ଗରମ ଖାଦ୍ୟର ବ୍ୟବସ୍ଥା କରିବା ବହୁତ ବଡ଼ କଥା । ପୁଣି କହିଲେ ଖଲିଫା ଜଣେ ସ୍ଥିର ଓ ଖୋଲା ହୃଦୟର ବ୍ୟକ୍ତି ଅଟନ୍ତି । କଥାଗୁଡିକ ବହୁତ ସୁନ୍ଦର ଶୈଳୀରେ ପରିବେଷଣ କରୁଛନ୍ତି ।

*ଆଉ ଜଣେ ଅତିଥି କହିଲେ ଯେ ଖଲିଫା ଯାହାକିଛି କହିଲେ ତାହା ଶାନ୍ତି ପ୍ରତିଷ୍ଠା ନିମନ୍ତେ ଅତ୍ୟନ୍ତ ଜରୁରୀ ଅଟେ । ଖଲିଫାଙ୍କର କଥାଗୁଡିକ ଅଣମୁସଲମାନ ଲୋକଙ୍କ ପାଇଁ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ।

*ଷ୍ଟିଫାନ୍ ହାନ୍ସ ସାହେବ ଯାହାଙ୍କ ସମ୍ପର୍କ ଫେଡେରାଲ୍ ମିନିଷ୍ଟ୍ରି ସହିତ ଅଛି ସେ ନିଜ ଭାବ ବ୍ୟକ୍ତ କରି କହିଲେ ମୁଁ ଏହି ଉତ୍ସବରେ ଗୋଟିଏ ସୁ ସଂଗଠିତ ଯମାତ୍‌କୁ ଅନୁଭବ କରିଛି । ମୋତେ ଏକଥା ବହୁତ ଭଲ ଲାଗିଲା ଯେ ଏଠାରେ କେବଳ ନୈତିକତାର କଥା କୁହାଯାଏ ନାହିଁ ବରଂ ତା ଉପରେ ଅମଳ ବି କରାଯାଏ । ଆଉଜଣେ ଅତିଥି ଡାନିଆଲ୍ ହୋପନର୍ ସାହେବ୍ କହିଲେ ଯେ ଅହେମଦୀମାନଙ୍କ କୌଣସି ଉତ୍ସବରେ ମୁଁ ପ୍ରଥମଥର ପାଇଁ ସାମିଲ୍ ହୋଇଛି । ମୁଁ ଏହା ପୂର୍ବରୁ ଯମାତ୍ ବିଷୟରେ କିଛି ଜାଣିନଥିଲି । କିନ୍ତୁ ବର୍ତ୍ତମାନ ମୁଁ ବହୁତ ପ୍ରଭାବିତ ହୋଇଛି । ସେ କହିଲେ ଯେ ମସ୍‌ଜିଦ୍ ଗୁଡିକ ଅନେକ ସମୟରେ ସନ୍ତ୍ରାସବାଦ ସହିତ ଲିପ୍ତ ବୋଲି କୁହାଯାଏ । କିନ୍ତୁ ଆଜି ମୁ ଜାଣିପାରିଲି ଯେ ଏହା ଠିକ୍ ନୁହେଁ । ଏବଂ ସେ ବହୁତ ଖୁସି ହେଲେ ଯେ ଏଠାରେ ଗୋଟିଏ ମସ୍‌କଜିଦ୍ ତିଆରି ହେଉଛି ଏବଂ ଏହି ମସ୍‌ଜିଦ୍ ଗୋଟିଏ ଶାନ୍ତିର ପୀଠସ୍ଥଳ ହେବ ।

*ଆଉ ଜଣେ ମହିଳା ଅତିଥି ଲାଂଜ୍ ସାହିବା କହିଲେ ଯେ ଏହି ଉତ୍ସବର ପରିବେଶ ବହୁତ ଶାନ୍ତିପ୍ରିୟ ଥିଲା । ଖଲିଫତୁଲ୍ ମସିହ ପ୍ରେମ, ଶାନ୍ତି ଓ ଭାଇଚାରା ବିଷୟରେ ଯାହା ସବୁ କିଛି କହିଲେ ତାହା ତାଙ୍କୁ ପ୍ରଭାବିତ କରିଛି ।

*ଆଉ ଜଣେ ମେହେମାନ୍ ମାଇକେଲ୍ ପାଂଜନ୍‌ର ସାହେବ କହିଲେ ଯେ ଏହି ଉତ୍ସବଟି ବହୁତ ଜୀବନ୍ତ, ଉନ୍ମୁକ୍ତ ଓ ସୁସଂଗଠିତ ଥିଲା । ସେ କହିଲେ ଯେ ଖଲିଫା ସାହେବ ଜଣେ ମହାନ୍ ବ୍ୟକ୍ତି ଲାଗୁଛନ୍ତି । ଜଣେ ବ୍ୟକ୍ତି ଜାଣିପାରିବ ଯେ ଆପଣ କେତେ ଆଧାତ୍ମିକ ଅଟନ୍ତି ।

*ଆଉଜଣେ ଶିକ୍ଷୟତ୍ରୀ କହିଲେ ଯେ ଏହି ଉତ୍ସବ ତାଙ୍କୁ ବହୁତ ଭଲ ଲାଗିଲା । ଅତିଥିମାନଙ୍କୁ ଯେପରି ସ୍ୱାଗତ କରାଗଲା ତାହା ଅତ୍ୟନ୍ତ ସୁନ୍ଦର ଅଟେ । ସେ କହିଲେ ଯେ ଧର୍ମ ବିଷୟରେ ମୁଁ ଆଜି ବହୁତ କିଛି ଶିଖିଲି । ଖଲିଫତୁଲ୍ ମସିହ୍ ଜଣେ ବହୁତ ବୁଦ୍ଧିମନ୍ତ ବ୍ୟକ୍ତି ଲାଗୁଛନ୍ତି । ପୁଣି ସେ କହିଲେ ଅହେମଦୀୟା ଯମାତ୍ ଗୋଟିଏ ଶାନ୍ତିପ୍ରିୟ ସଂଗଠନ ଅଟେ ଏବଂ ଏହା ସମ୍ପୂର୍ଣ୍ଣ ଭୁଲ୍ ଯେ ଇସ୍‌ଲାମ୍‌ର ଅର୍ଥ ସନ୍ତ୍ରାସବାଦ ।

**୧୯ ଏପ୍ରିଲ୍ ୨୦୧୭ (ବୁଧବାର)**

ହଜୁର୍ ଅନୁୱର୍ ଅ:ବ:ଅ ସକାଳ ୫:୩୦ ରେ ଆସି ନମାଜ ଫଜର୍ ପଢ଼ାଇଲେ । ସକାଳେ ହଜୁର୍ ଅନୁୱର୍ ବିଭିନ୍ନ ଦଫତରି କାର୍ଯ୍ୟର ଅନୁଧାନ କଲେ । ଲଣ୍ଡନ୍ ଏବଂ ବିଭିନ୍ନ ଦେଶରୁ ଆସିଥିବା ଡାକ, ଚିଠିପତ୍ର ଓ ରିପୋର୍ଟସ୍ ଗୁଡିକୁ ଦେଖିଲେ । ଜର୍ମାନୀର ଯମାତ ଗୁଡିକରୁ ମଧ୍ୟ ପ୍ରତ୍ୟହ ଯମାତ୍‌ର ମହିଳା ଓ ପୁରୁଷ ମାନଙ୍କ ତରଫରୁ ଶହ ଶହ ଚିଠି, ଉର୍ଦ୍ଦୁ, ଇଂରାଜୀ ଓ ଜର୍ମାନୀ ଭାଷାରେ ପ୍ରାପ୍ତ ହେଉଥିଲା । ଏହି ସମସ୍ତ ଚିଠିକୁ ପ୍ରତିଦିନ ହଜୁରଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଉଥିଲା । ଏହି ସବୁ ଚିଠିପତ୍ର ରିପୋର୍ଟସ୍ ଗୁଡିକ ହଜୁର୍ ଦେଖିସାରିବା ପରେ ନିର୍ଦ୍ଦେଶଗୁଡିକ ନିଜ ପବିତ୍ର ହାତରେ ଲେଖୁଥିଲେ ।

**ଫ୍ୟାମିଲି ସାକ୍ଷାତ୍‌କାର**

ପ୍ରୋଗ୍ରାମ୍ ମୁତାବକ ସକାଳ ୧୧:୧୫ ସମୟରେ ହଜୁର୍ ଦଫତର୍ ଆସି ଫ୍ୟାମିଲି ସାକ୍ଷାତ୍‌କାରର ପ୍ରୋଗ୍ରାମ ଆରମ୍ଭ କରାଇଲେ । ଆଜି ୫୦ ଫ୍ୟାମିଲିଙ୍କ ୧୮୧ ଜଣ ଲୋକ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ଏହି ସାକ୍ଷାତ୍‌କାର୍ ସମୟରେ ହଜୁର୍ ଅନୁୱର୍ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ଦେଲେ ଓ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ଦିନ ୧:୪୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଠିକ୍ ୨:୦୦ ସମୟରେ ଆସି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପରେ ହଜୁର୍ ନିଜର ଆବାସସ୍ଥଳୀକୁ ଚାଲିଗଲେ ।

**ଯମାତ୍ ଅହେମଦୀୟା ମାର୍‌ବର୍ଗଠାରେ ଏକ ମସ୍‌ଜିଦ୍‌ର ଭିତିସ୍ଥାପନ ଉତ୍ସବ**

ଆଜି ଯମାତ୍ ଅହେମଦୀୟା ମାର୍‌ବର୍ଗ ଠାରେ ଗୋଟିଏ ମସ୍‌ଜିଦ୍‌ର ମୂଳଦୁଆ ରଖିବାର ପ୍ରୋଗ୍ରାମ୍ ଥିଲା । ଠିକ୍ ସଂନ୍ଧ୍ୟା ୫:୦୦ ବେଳେ ହଜୁର୍ ଅନୁୱର୍ ବାହାରକୁ ଆସିଲେ ଓ ମାର୍‌ବର୍ଗ ସହର ନିମନ୍ତେ ଯାତ୍ରା ଆରମ୍ଭ ହେଲା । ବଇତୁଲ ସବୁହୁ ଫ୍ରାଙ୍କଫର୍ଟ ଠାରୁ ମାର୍‌ବର୍ଗ ସହରର ଦୂରତା ୮୦ କି.ମି. ଅଟେ । ସହରର ସୀମାରେ ଦାଖଲ ହେବା ପୂର୍ବରୁ ପୋଲିସ୍‌ର ଗୋଟିଏ ଗାଡ଼ି ହଜୁରଙ୍କ କାଫେଲାକୁ ଏସ୍‌କଟ୍ କଲା । ୫:୫୦ ମିନିଟ୍‌ରେ ହଜୁର୍ ସେଠାରେ ପହଂଚିଲେ । ଏହି ଦିନଟି ମାର୍‌ବର୍ଗ ଯମାତ୍ ବାସୀଙ୍କ ପାଇଁ ଏକ ଅସାଧାରଣ ବର୍‌କତ୍ ଏବଂ ସୌଭାଗ୍ୟଶାଳୀ ଦିନ ଥିଲା । ସମସ୍ତେ ବହୁତ ଖୁସି ଓ ଆନନ୍ଦରେ ବିଭୋର ଥିଲେ । କାରଣ ଏ ସହରରେ ହଜୁର୍ ଅନୁୱର୍ ପ୍ରଥମଥର ପାଇଁ ପଦାର୍ପଣ କରୁଛନ୍ତି । ଯମାତ୍‌ର ପ୍ରତ୍ୟେକ ବ୍ୟକ୍ତି,ଯୁବକ, ବୁଢ଼ା, ଛୋଟ, ବଡ଼, ପୁରୁଷ,ସ୍ତ୍ରୀ ସମସ୍ତେ ବହୁତ ଆନନ୍ଦିତ ହୋଇ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ କଲେ । ହଜୁର୍ ଅନୁୱର୍ ପହଂଚିବା କ୍ଷଣି ସମସ୍ତ ଲୋକଙ୍କୁ ହାତ ଉଠାଇ ଅସ୍‌ସଲାମେ ଆଲୈକୁମ୍ କହିଲେ ।

ଏହି ଅବସରରେ ସଦର ଯମାତ ମାର୍‌ବର୍ଗ ମହମ୍ମଦ୍ ଲଲିଆସ୍ ସାହେବ, ରିଜିଓନାଲ୍ ଅମୀର ମୋଜାଫର୍ ଅହେମଦ୍ ବାଜୁଆ ସାହେବ, ରିଜିଓନାଲ୍ ମୁଅଲିନ୍ ମକ୍‌ସୁଦ୍ ଅଲୱି ସାହେବ ହଜୁର୍ ଅନୁୱରଙ୍କୁ ସ୍ୱାଗତମ୍ ଜଣାଇ ହାତ ମିଳାଇଲେ । ଏହି ମୌକାରେ ଲର୍ଡ଼ ମେୟର ଡାକ୍ତର୍ ଥମାସ୍ ସ୍ପାଇସ୍ ଏବଂ ନ୍ୟାସିନାଲ୍ ଆସେମ୍ବଲିର ମେମ୍ବର୍ ସୋରନ ବାର୍‌ଟୋଲ୍ ସାହେବ ମଧ୍ୟ ହଜୁର୍ ଅନୁୱରଙ୍କୁ ସ୍ୱାଗତ ଜଣାଇଲେ । ଏହାପରେ ହଜୁର୍ ଅନୁୱର୍ ସେହି ଟେଂଟ୍ ଭିତରକୁ ଆସିଲେ ଯେଉଁଠି ମସ୍‌ଜିଦ୍‌ର ଭିତି ସ୍ଥାପନ ପାଇଁ ଉତ୍ସବ ପାଳନ ହେବାକୁ ଥିଲା । ଏହି ଉତ୍ସବର ଆରମ୍ଭ ପବିତ୍ର କୋରାନ୍‌ର ପାଠ ସହିତ ଆରମ୍ଭ କରାଗଲା । ମାହିଦ୍ ଇଲିଆସ୍ ସାହେବ୍ ତାହା ପାଠ କଲେ ଏବଂ ଏହାର ଜର୍ମାନୀ ଭାଷାରେ ଅନୁବାଦ କାମରାନ୍ ଖାନ୍ ସାହେବ ପଢ଼ି ଶୁଣାଇଲେ ।

**ଅବ୍‌ଦୁଲ୍ଲାଃ ୱାଗସ୍ ହାଉଜର୍ ସାହେବଙ୍କ ଅଭିଭାଷଣ ।**

ଏହାପରେ ଶ୍ରୀମାନ୍ ଅବ୍‌ଦୁଲ୍ଲାଃ ୱାଗସ୍ ହାଉଜର୍ ସାହେବ ଅମୀର ଯମାତ୍ ଜର୍ମାନୀ ପରିଚୟ ମୂଳକ ଭାଷଣ ପ୍ରଦାନ କଲେ । ଏହି ସହରର ସଂକ୍ଷିପ୍ତ ଇତିହାସ ବର୍ଣ୍ଣନା କରି ଜଣାଇଲେ ଯେ ମାର୍‌ବର୍ଗ ସହରଟି କାଫେଲ୍ ଏବଂ ଫ୍ରାଙ୍କଫର୍ଟ ସହରର ମଝିରେ ଅବସ୍ଥିତ । ସେହି ସହରର ଇତିହାସ ବହୁତ ପୁରୁଣା ଅଟେ । ଏହି ସହରର ଶୁଭାରମ୍ଭ ୧୧୩୦ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ବର୍ତ୍ତମାନ ଏହି ସହରର ବାସିନ୍ଦା ୭୪୦୦୦ ଅଟନ୍ତି । ଏହି ସହର ନିଜର ମାର୍‌ବର୍ଗ ୟୁନିଭରସିଟି ପାଇଁ ବହୁତ ପ୍ରସିଦ୍ଧ । ଏହି ୟୁନିଭରସିଟି ୧୫୨୭ ଖ୍ରୀଷ୍ଟାବ୍ଦରେ ପ୍ରତିଷ୍ଠା ହୋଇଥିଲା । ଏହି ସହରରେ ଯମାତ ଅହେମଦୀୟାର ଶୁଭାରମ୍ଭ ୧୯୭୪ ମସିହାରେ ହୋଇଛି । ୨୦୧୦ ମସିହାରେ ଯମାତ୍ ଗୋଟିଏ ନମାତ୍ ସେଂଟର୍ ପ୍ରତିଷ୍ଠା କରିଛି । ଏଠିକାର ଯମାତ୍ ବହୁତ କର୍ମଠ । ଜନସେବାରେ ବହୁତ କାର୍ଯ୍ୟ କରୁଛନ୍ତି । ମସ୍‌ଜିଦ୍ ବିଷୟରେ କହିଲେ ଯେ ନମାଜ ପଢ଼ିବା ପାଇଁ ଏଠାରେ ଦୁଇଗୋଟିଏ ହଲ୍ ତିଆରି ହେବ । ତତ୍‌ସହିତ ସଂଲଗ୍ନ ଗୋଟିଏ ଘର ମଧ୍ୟ ନିର୍ମାଣ କରାଯିବ ଏବଂ ଗୋଟିଏ ରୋଷେଇଶାଳା ଏବଂ ଗୋଟିଏ ଲାଇବ୍ରେରୀ ମଧ୍ୟ ନିର୍ମାଣ କରାଯିବ ।

**ମାର୍‌ବର୍ଗ ସହରର ଲର୍ଡ଼ ମେୟରଙ୍କ ଭାଷଣ**

ଅମୀର୍ ସାହେବ୍ ଜର୍ମାନୀଙ୍କ ପରିଚୟ ମୂଳକ ଭାଷଣ ପରେ ମାର୍‌ବର୍ଗ ସହରର ଲର୍ଡ଼ ମେୟର୍ ମିଷ୍ଟର୍ ଥୋମାସ୍ ସ୍ପାଇସ୍ ନିଜର ଭାଷଣ ରଖିଲେ । ମହା ମହିମ ଖଲିଫତୁଲ୍ ମସିହ୍ ! ସର୍ବପ୍ରଥମେ ମୁଁ ଆପଣଙ୍କୁ ସ୍ୱାଗତମ୍ ଜଣାଉଛି । ମୋତେ ବହୁତ ଖୁସି ଲାଗୁଛି ଯେ ଖଲିଫତୁଲ୍ ମସିହ୍ ମାର୍‌ବର୍ଗ ସହରରେ ପଦାର୍ପଣ କରିଛନ୍ତି ।

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ......*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 24 AUG 2017 Issue No. 34

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ ଏପ୍ରିଲ୍ ୨୦୧୭

## ଖଲିଫାଙ୍କ ବ୍ୟକ୍ତିତ୍ୱ ହେଉଛି ମୋହନୀୟ, ନ୍ୟାୟବନ୍ତ ଓ ନିରପେକ୍ଷ

*ଖଲିଫାଙ୍କ ଭାଷଣ ବହୁତ ପ୍ରଭାବଶାଳୀ ଥିଲା, ହୃଦୟର ଅନ୍ତରକୁ ପ୍ରଭାବିତ କରୁଥିଲା, ବିଶେଷ କରି ପ୍ରେମ ଓ ଶାନ୍ତିର ବାର୍ତା, ଯଦି ଆମମାନଙ୍କ ମଧ୍ୟରୁ ସମସ୍ତେ ନିଜ ପଡ଼ୋଶୀମାନଙ୍କ ଧ୍ୟାନ ରଖିବେ ଯେପରି ଖଲିଫା କହିଲେ ତେବେ ଏ ସଂସାର ବହୁତ ସୌନ୍ଦର୍ଯ୍ୟପୂର୍ଣ୍ଣ ହୋଇଯିବ ।

*ଆମର ଏ ଧାରଣା ନଥିଲା ଯେ ଖଲିଫତୁଲ୍ ମସିହ୍ ଏତେ ସୁନ୍ଦର ଶୈଳୀ ଦ୍ୱାରା ଇସ୍‌ଲାମୀୟ ଶିକ୍ଷାକୁ ପରିବେଷଣ କରିବେ ବୋଲି । ବିଶେଷ ରୂପେ ସେହି ଶିକ୍ଷାକୁ ଯାହା ଦେଶର କାନୁନ୍ ପ୍ରତି ସମ୍ମାନ ଦେବାପାଇଁ ଓ ଅମଲ କରିବା ପାଇଁ ଅଛି ।

*ହଜୁର୍ ଅନୁଓ୍ୱର୍‌ଙ୍କ ପବିତ୍ର ଶକ୍ତିର ପ୍ରଭାବ ଆପଣମାନଙ୍କ Tent ଭିତରେ ଦାଖଲ ହେବାଠାରୁ ନେଇ ପୁନର୍ବାର ବାହାରକୁ ଆସିବା ପର୍ଯ୍ୟନ୍ତ ଅନୁଭବ ହେଉଥିଲା ।

*ଖଲିଫାଙ୍କ ଶବ୍ଦଗୁଡିକ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା ଓ ଖଲିଫାଙ୍କ ବ୍ୟକ୍ତିତ୍ୱ ଯାଦୁକରୀ ଅଟେ । ବହୁତ ନ୍ୟାୟବନ୍ତ ଓ ନିରପେକ୍ଷ ବ୍ୟକ୍ତିତ୍ୱ ।

*ଜଣେ ଆଧ୍ୟାତ୍ମିକ ଗୁରୁଙ୍କର ଯେପରି ହେବା ଉଚିତ୍ ସେହିସବୁ ଗୁଣମାନ ଆପଣଙ୍କ ଖଲିଫାଙ୍କ ବ୍ୟକ୍ତିତ୍ୱରେ ମିଳୁଅଛି । ଖଲିଫତୁଲ୍ ମହିହଙ୍କ ନିକଟରେ ଏକ ସ୍ଥାୟୀ ଓ ଶାନ୍ତିର ବାତାବରଣ ଅନୁଭବ ହେଉଛି । ଖଲିଫାଙ୍କ ଚେହେରାରେ ଜ୍ୟୋତି ପ୍ରକଟିତ ହେଉଛି । ଆପଣ ଅନ୍ୟ ମୁସଲମାନଙ୍କଠାରୁ ବହୁତ ଉତମ ଢ଼ଙ୍ଗରେ ଇସ୍‌ଲାମୀୟ ଶିକ୍ଷାକୁ ନିଜ ଭାଷଣରେ ପରିବେଷଣ କଲେ ।

*ଖଲିଫା ଜଣେ ସ୍ଥିର ଓ ଆନନ୍ଦଚିତ ବ୍ୟକ୍ତି ଅଟନ୍ତି, ବିଷୟ ଗୁଡିକୁ ବହୁତ ସୁନ୍ଦର ରୂପେ ବର୍ଣ୍ଣନା କରୁଛନ୍ତି ।

**ହଜୁର୍ ଅନୁଓ୍ୱର ଅ:ବ:ଅ ଙ୍କ ଜ୍ଞାନବର୍ଦ୍ଧକ ଭାଷଣ ଶୁଣିବା ପରେ ଅତିଥିମାନଙ୍କ ମନୋଭାବ ବ୍ୟକ୍ତ ।**

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

### ବାକି ରିପୋର୍ଟ ତା-୧୮ ଅପ୍ରେଲ୍ ୨୦୧୭ (ମଙ୍ଗଳବାର) ମସ୍‌ଜିଦ୍‌ର ଆଧାରଶିଳା

ତତ୍‌ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଟେଂଟ୍ ଉପରକୁ ପ୍ରବେଶ କଲେ, ଯେଉଁଠି ମସ୍‌ଯିଦ୍‌ର ମୂଳଦୁଆ ରଖିବା ସମ୍ବନ୍ଧରେ ସଭାର ଆୟୋଜନ କରାଯାଇଥିଲା । ସଭାର କାର୍ଯ୍ୟକ୍ରମ ପବିତ୍ର କୋରାନ୍‌ର ଆବୃତି ଦ୍ୱାରା ଆରମ୍ଭ ହେଲା ଯାହାକୁ ହାଫିଜ୍ ଫଖର୍ ଅହେମଦ୍ ଆବୃତି କଲେ ଏବଂ ତାର ଜର୍ମାନୀ ଅନୁବାଦ କାମ୍‌ରାନ୍ ୱାଡେଟ୍ ସାହେବ ପଢ଼ିଶୁଣାଇଲେ ।

### ଅମୀର ସାହେବ୍ ଜର୍ମାନୀଙ୍କ ଅଭିଭାଷଣ

ଏହାପରେ ଶ୍ରୀମାନ୍ ଅବ୍‌ଦୁଲ୍ଲାଃ ୱାଗସ୍ ହାଉଜର୍ ସାହେବ୍ ଅମୀର ଯମାତ୍ ନିଜର ପରିଚୟମୂଳକ ଭାଷଣ ଉପସ୍ଥାପନ କଲେ । ଅମୀର ସାହେବ୍ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରି କହିଲେ ଯେ ଆଜି ଅହେମଦୀମାନଙ୍କ ପାଇଁ ବହୁତ ଖୁସିର ଦିନ ଅଟେ । ପବିତ୍ର କୋରାନ୍‌ରୁ ବର୍ତମାନ ଯେଉଁ ପବିତ୍ର ଆୟତ ପାଠ କରାଗଲା ସେହି ଆୟତଗୁଡ଼ିକୁ ହଜ୍‌ରତ୍ ଇବ୍ରାହିମ୍ ଆ:ସ ଖାନାକାବାର ପୁନର୍ବାର ନିର୍ମାଣ କରିବା ସମୟରେ ପାଠ କରିଥିଲେ । ମୋର ମଧ୍ୟ ଏହି ପ୍ରାର୍ଥନା ଯେ ଏହି ମସ୍‌ଜିଦ୍‌ଟି ଏକ ଶାନ୍ତିର ପୀଠସ୍ଥଳ ହୋଇଯାଉ । ସହରର ପରିଚୟ ଦେଇ ଅମୀର ସାହେବ୍ କହିଲେ ଯେ ଏହି ସହରଟି ଏକ ଉତମ ସ୍ଥାନରେ ଅବସ୍ଥିତ । କିଛି ଦୂରତାରେ ଏୟାର୍‌ପୋର୍ଟ ଅଛି ଏବଂ ଫ୍ରାଙ୍କ୍‌ଫର୍ଟ୍ ସହରଟି ନିକଟରେ ଅଛି । ସେହିପରି ଏକ ସୁନ୍ଦର ପୋଲ ଏହି ମସ୍‌ଜିଦ୍ ସହିତ ନିର୍ମାଣ କରାଯାଇଛି । ସହରର ଲୋକସଂଖ୍ୟା ୧୬୦୦୦ ଅଟେ । ୧୦୫ ଟି ଦେଶର ଲୋକେ ଏଠାରେ ବସବାସ କରନ୍ତି । ଇତିହାସରୁ ଜଣାପଡ଼େ ଯେ ସାତ ହଜାର ବର୍ଷ ପୂର୍ବେ ଏହି ସହର ଆରମ୍ଭ ହୋଇଥିଲା । ଯମାତ୍ ଅହେମଦୀୟା ବିଷୟରେ ଅମୀର ସାହେବ୍ ଜଣାଇଲେ ଯେ ୧୯୮୭ ମସିହାରେ ଅହେମଦୀମାନେ ଏଠାରେ ଆସି ବସବାସ ଆରମ୍ଭ କଲେ । ଏବେ ଏହି ସହରରେ ଯମାତ୍ ଅହେମଦୀୟାର ଦୁଇଗୋଟି ଯମାତ୍ ଅଛି । ପଛବର୍ଷ ଏଠାରେ ୨୭୦୦ ସ୍କୋୟାର୍ ମିଟର୍ ଯାଗା ମସ୍‌ଜିଦ୍ ନିର୍ମାଣ ପାଇଁ କିଣା ହୋଇଅଛି । ଏଠି ଯେଉଁ ମସ୍‌ଜିଦ୍ ତିଆରି ହେବ ତା ମଧ୍ୟରେ ଦୁଇଟି ହଲ୍ ନିର୍ମାଣ ହେବ । ଗୋଟିଏ ଆବାସସ୍ଥଳୀ ମଧ୍ୟ ନିର୍ମାଣ ହେବ । ତତ୍‌ସହିତ ଯମାତି କାର୍ଯ୍ୟାଳୟ ମଧ୍ୟ ନିର୍ମାଣ ହେବ । ଗୋଟିଏ ବଡ଼ ଯମାତି ରୋଷେଇଶାଳା ମଧ୍ୟ ନିର୍ମାଣ ହେବ । ଏତଦ୍‌ବ୍ୟତୀତ ଆଉ ଗୋଟିଏ ମଲଟି ଫଙ୍କ୍‌ସନ୍ ହଲ୍ ମଧ୍ୟ ନିର୍ମାଣ ହେବ । ଏଠିକାର ଯମାତ୍ ଓ ଜେଲି ତନ୍‌ଜିମ ସର୍ବସାଧାରଣଙ୍କ ସେବାରେ ଅହରହ ଲାଗି ରହିଛି । ବର୍ଷର ଆରମ୍ଭରେ ୱକାରେ ଅମଲ୍ ଜରିଆରେ ସହରର ସଫାଇ କାର୍ଯ୍ୟକ୍ରମ କରାଯାଏ । ରକ୍ତଦାନର କାର୍ଯ୍ୟକ୍ରମ ହୁଏ । ଗଛପତ୍ର ଲଗାଇବାର କାର୍ଯ୍ୟ କରାଯାଏ ଓ ଚ୍ୟାରିଟି ୱାର୍କ ଇତ୍ୟାଦି କରାଯାଏ । ଶେଷରେ ଅମୀର ସାହେବ୍ ସହରର ବ୍ୟବସ୍ଥାପିକା ଓ ସହରର ମେୟର୍‌ଙ୍କୁ ଧନ୍ୟବାଦ ଜଣାଇଲେ ।

### ରୋନ୍‌ହାଏମ୍ ସହରର ମେୟର୍‌ଙ୍କ ଅଭିଭାଷଣ

ଅମୀର ସାହେବଙ୍କ ଅଭିଭାଷଣ ପରେ ରୋନ୍‌ହାଏମ୍ ସହରର ମେୟର୍ ମିଷ୍ଟର୍ ଥୋମାସ୍ ଜୁହେ ସାହେବ ନିଜର ଭାଷଣ ଉପସ୍ଥାପନ କରି କହିଲେ-ମହାମହିମ ଖଲିଫତୁଲ୍ ମସିହ ! ମୁଁ ସର୍ବପ୍ରଥମେ ଖଲିଫତୁଲ୍ ମସିହ ଓ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

*ଅବଶିଷ୍ଟାଂଶ ପୃଷ୍ଠା-୮ ରେ ଦେଖନ୍ତୁ.......*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**